


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net


email: pratidhwani.dhwani@gmail.com


ବାଲେଶ୍ୱର ❑ ସୋମବାର ୨୪ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 August 2026

Vol.No. 36 ■ No.222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସକ୍ଷାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ‘ହର୍ମୁଜ ଆମେରିକାର ନୂଆ ଅଞ୍ଚଳ’: ଟ୍ରମ୍ପଙ୍କ ଦାବିକୁ ଇରାନର କଡ଼ା ଜବାବ



ନୂଆଦିଲ୍ଲୀ,୨୩/୮ : ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଥମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଉଭୟ ଦେଶ ହର୍ମୁଜ୍ ପ୍ରଣାଳୀ ଉପରେ ନିଜ ନିଜର ଦାବି କରୁଛନ୍ତି। ଏହି ସମୟରେ, ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ଫଟୋ ସେୟାର କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ବର୍ଣ୍ଣନା କରିଛନ୍ତି। ଏହାକୁ ନେଇ ଇରାନ ସ୍ପଷ୍ଟ ଭାବରେ କହିଛି ଯେ, ହର୍ମୁଜ୍ ପ୍ରଣାଳୀ ବନ୍ଦ ଅଛି। ୱାସିଂଟନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା ବନ୍ଦ ରହିବ। ଆମେରିକା ଯେପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ ନ କରିଛି ସେପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ଆଉ ଖୋଲାଯିବ ନାହିଁ ବୋଲି ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜାଇ କହିଛନ୍ତି। ଆମେରିକାର ମନୋଭାବ ପରିବର୍ତ୍ତନ ହେଲେ ପରିସ୍ଥିତିରେ ଉନ୍ନତି ହେବ। ସେ ସ୍ପଷ୍ଟ କରିଛନ୍ତି ଯେ, ଏହାର ସମାଧାନ ଆଲୋଚନା ମାଧ୍ୟମରେ ମିଳିପାରିବ ନାହିଁ, ବରଂ ଆମେରିକାର କାର୍ଯ୍ୟରେ ସୁଧାର ହେଲେ ସମ୍ଭବ ହେବ। ସାମୁଦ୍ରିକ ଟ୍ରାକିଂ ସଂସ୍ଥା କେପ୍ଲର ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ୮୦%ରୁ ଅଧିକ ତରଳ ମାଲବାହୀ ଜାହାଜ ଓମାନ ପଥ ବ୍ୟବହାର କରିଛନ୍ତି, ଯାହାକୁ ଆମେରିକା ଦ୍ୱାରା ସମର୍ଥିତ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ଦ୍ୱାରା ଅନୁମୋଦିତ କରାଯାଇଛି। ରେଜାଇ ଏହା ମଧ କହିଛନ୍ତି ଯେ ଇରାନ ଏବଂ ଓମାନ ହର୍ମୁଜ୍ ପ୍ରଣାଳୀ ଦେଇ ଏକ ମଧ୍ୟମ ପଥ ସ୍ଥାପନ କରିବାକୁ ରାଜି ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ଏକ ମିଳିତ ବିବୃତ୍ତି ଜାରି କରାଯାଇ ନାହିଁ। ପୂର୍ବରୁ ଟ୍ରମ୍ପ ୧୮ ଅଗଷ୍ଟରେ ସୋସିଆଲ ମିଡିଆରେ ସମାନ ଚିତ୍ର ସେୟାର କରିଥିଲେ। ସେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ନିରନ୍ତର ନିଜର ଦାବି କରିଆସୁଛନ୍ତି, ଯେତେବେଳେ ଇରାନ ତାଙ୍କ ଦାବିକୁ ଲଗାତାର ଖଣ୍ଡନ କରିଆସୁଛି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବା ପରିବର୍ତ୍ତେ ଆହୁରି ବଢ଼ିବାରେ ଲାଗିଛି। ଟ୍ରମ୍ପ ଅଗଷ୍ଟ ୧୪ ତାରିଖରେ ଲଙ୍ଗ ଆଇଲ୍ୟାଣ୍ଡର ଏକ ପୁଲିସ ଏକାଡେମୀରେ ତାଙ୍କ ଭାଷଣ ସମୟରେ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ବିବୃତି ମଧ ଦେଇଥିଲେ।

◆◆ପୃଷ୍ଠା ୭

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ଦେଶରେ ଲାଗୁ ହେବ ୱାନ୍ ନେସନ୍ ୱାନ୍ ହେଲଥ୍ ବ୍ୟବସ୍ଥା

ଭୁବନେଶ୍ୱର, ୨୩/୮ (ନି.ପ୍ର): ଦେଶରେ ଶୀଘ୍ର ଲାଗୁ ହେବାକୁ ଯାଉଛି ୱାନ ନେସନ ୱାନ ହେଲ୍ଥ ବା ଏକ ଦେଶ, ଏକ ସ୍ୱାସ୍ଥ୍ୟ ଯୋଜନା। ଦେଶର ସମସ୍ତ ଲୋକଙ୍କ ପାଇଁ ସମାନ ଓ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ପ୍ରୟାସ କରୁଛନ୍ତି କେନ୍ଦ୍ର ସରକାର। ସେହିପରି ଖୁବଶୀଘ୍ର ଓଡ଼ିଶା ସରକାର ଆଉ ଗୋଟିଏ ଆପ୍ ଲଞ୍ଚ୍ କରିବାକୁ ଯୋଜନା କରୁଛନ୍ତି। ଏନେଇ ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସ୍ୱାସ୍ଥ୍ୟ ସେବାକୁ ଆଗକୁ ନେବାକୁ ଚାଲିଛି ଚେଷ୍ଟା । ଦେଶରେ ଶୀଘ୍ର ଲାଗୁ ହେବ ୱାନ ନେସନ ୱାନ ହେଲ୍ଥ ବା ଏକ ଦେଶ, ଏକ ସ୍ୱାସ୍ଥ୍ୟ ଯୋଜନା, ତାହା ସହ ଡିଜିଟାଲ ପ୍ରେସ୍କିପସନକୁ ଗୁରୁତ୍ୱ ଦିଆଯିବା ସହ ଡାକ୍ତରମାନେ କିଭଳି ଡିଜିଟାଲ ପ୍ରେସ୍କ୍ରିପସନ କରିବେ ତାହା ପାଇଁ ଚେଷ୍ଟା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଓଡ଼ିଶା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏସନର ବାର୍ଷିକ ସମ୍ମିଳନୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଙ୍ଗ ଏ ବଡ ସୂଚନା ଦେଇଛନ୍ତି । ଆଉ ହଇରାଣ ହରକତ ହେବନି ରୋଗୀ। ସବୁ ନିଦାନ ଓ ଚିକିତ୍ସା ସମ୍ବନ୍ଧିତ ରେକର୍ଡ ଗୋଟିଏ କ୍ଲିକରେ ମିଳିବ। ଆଙ୍ଗୁଳି ଟିପରେ ମିଳିବ ଚିକିତ୍ସା ସୁବିଧା। କେନ୍ଦ୍ର ସରକାରଙ୍କ ପକ୍ଷରୁ ନେସନାଲ ହେଲ୍ଥ ଏଥରିଟି ତରଫରୁ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ମାଧ୍ୟମରେ ଆରୋଗ୍ୟ ସେତୁ ୨.୦ ଆପ୍ ଲଞ୍ଚ୍ କରାଯାଇଛି । ଏଥିରେ ସ୍କାନ ଆଣ୍ଡ ସେୟାର କନସେପ୍ଟ ରହିଛି। ପ୍ରେସ୍କ୍ରିପ୍ସନକୁ ସେୟାର କରି ଡିଜିଟାଲ ଲକର୍ ମାଧ୍ୟମରେ ରଖିବେ। ଯାହା ପରବର୍ତ୍ତୀ ସମୟରେ ପରିବାରର ହିଷ୍ଟ୍ରି ଜଣାପଡ଼ିବ । ଫଳରେ ରୋଗୀର ଚିକିତ୍ସା ସହଜ ହେବ। ବହୁତ୍ ଜଲଦି ଆଉ ଗୋଟେ ଆପ ଓଡ଼ିଶା ସରକାର ଆଣିବେ।ସ୍ୱାସ୍ଥ୍ୟ ସେବାରେ ସୁବିଧା ଏବଂ ସୁରକ୍ଷା ଡିଜିଟାଲ ସ୍ୱାସ୍ଥ୍ୟ କାର୍ଡ ପ୍ରତ୍ୟେକ ରୋଗୀ ଏକ ସ୍ୱତନ୍ତ୍ର ଡିଜିଟାଲ ଆଇଡି ପାଇବେ, ଯେଉଁଥିରେ ସେମାନଙ୍କର ପୁରୁଣା ରୋଗ, ଔଷଧ ଏବଂ ଟେଷ୍ଟ ରିପୋର୍ଟ ସୁରକ୍ଷିତ ରହିବ। କାଗଜପତ୍ରର ଆବଶ୍ୟକତା ପଡ଼ିବ ନାହିଁ। ଡାକ୍ତରଖାନାକୁ ଗଲାବେଳେ ପୁରୁଣା କାଗଜପତ୍ର କିମ୍ବା ଫାଇଲ୍ ସାଙ୍ଗରେ ବୋହିବାକୁ ପଡ଼ିବ ନାହିଁ। ବାରମ୍ବାର ଟେଷ୍ଟରୁ ମୁକ୍ତି: ପୂର୍ବରୁ ହୋଇଥିବା ରୋଗ ନିରାକରଣ ଓ ପରୀକ୍ଷା ରିପୋର୍ଟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେଉଥିବାରୁ, ଭିନ୍ନ ଡାକ୍ତରଙ୍କ ପାଖକୁ ଗଲେ



◆◆ପୃଷ୍ଠା ୭

# ମହିଳା ସଂରକ୍ଷଣ ଓ ‘ବନ୍ଦେ ମାତରମ୍’ ପ୍ରସଙ୍ଗରେ ରାହୁଲଙ୍କୁ ସ୍ମୃତି ଇରାନୀଙ୍କ ଖୋଲା ଚ୍ୟାଲେଞ୍ଜ: ‘କଥା ନୁହେଁ, କାମରେ କରି ଦେଖାନ୍ତୁ’

ନୂଆଦିଲ୍ଲୀ,୨୩/୮ : ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତୀକ୍ଷ୍ଣ ରାଜନୀତିକ ତେରଛା ବାଣ ମାରିଛନ୍ତି ବିଜେପି ରାଷ୍ଟ୍ରୀୟ ମହାସଚିବ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣକୁ ତୁରନ୍ତ ଲାଗୁ କରିବାକୁ ସମର୍ଥନ ଜଣାଇବା ଏବଂ କଂଗ୍ରେସ ମୁଖ୍ୟାଳୟରେ ଦେବୀ ଦୁର୍ଗାଙ୍କ ଆବାହନ ସହ ‘ବନ୍ଦେ ମାତରମ୍’ର ପୂର୍ଣ୍ଣ ପରିବେଷଣ ଆୟୋଜନ କରିବାକୁ ସେ ରାହୁଲଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । କେବଳ ଭାଷଣ ନଦେଇ କଂଗ୍ରେସ ନେତା ନିଜ କଥାକୁ କାର୍ଯ୍ୟରେ ପରିଣତ କରି ଦେଖାନ୍ତୁ ବୋଲି ସ୍ମୃତି କହିଛନ୍ତି । ପୁଣେରେ ଆୟୋଜିତ ‘ଛତ୍ରୋଁ କି ଗୁଞ୍ଜ’ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ମହିଳାମାନଙ୍କୁ ‘ଭାରତର ଶକ୍ତି’ ଓ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ବର୍ଣ୍ଣନା କରିଥିଲେ । ସମାଜରେ ପୁରୁଷ ପ୍ରାଧାନ୍ୟକୁ ଭାଙ୍ଗିବାକୁ ଆହ୍ୱାନ ଦେବା ସହ ମହିଳାମାନଙ୍କ ପ୍ରଗତିକୁ ରୋକିବା ପାଇଁ ହିଂସା କରାଯାଉଛି ବୋଲି ରାହୁଲ କହିଥିଲେ । ଏହାର ଜବାବ ରଖି ସ୍ମୃତି ଇରାନୀ କହିଛନ୍ତି ଯେ, ଯଦି କଂଗ୍ରେସ ପ୍ରକୃତରେ ନାରୀ ସଶକ୍ତୀକରଣ ଚାହୁଁଛି, ତେବେ ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ଦିଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁ । ଏହା ସହିତ କଂଗ୍ରେସ ଦଳ ‘ବନ୍ଦେ ମାତରମ୍’ର କେବଳ ଦୁଇଟି ପଦ ଗାଉଥିବା ନେଇ ପୂର୍ବତନ ଆମେଠି ସାଂସଦ କଡ଼ା ସମାଲୋଚନା କରିଛନ୍ତି । ଜାତୀୟ ଗୀତ ପ୍ରତି ଏହା ଅସମ୍ମାନ ବୋଲି ଦର୍ଶାଇ କଂଗ୍ରେସ ନିଜ କାର୍ଯ୍ୟାଳୟରେ ଦେବୀ ଦୁର୍ଗାଙ୍କ ସ୍ତୁତି ଥିବା ସମ୍ପୂର୍ଣ୍ଣ ‘ବନ୍ଦେ ମାତରମ୍’ ଗାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ରାଜନୀତିକ ଲାଭ ପାଇଁ ଜାତୀୟ ପ୍ରତୀକ ଓ ପରମ୍ପରାକୁ ଅଣଦେଖା ନକରିବାକୁ ସେ କଂଗ୍ରେସ ନେତୃତ୍ୱକୁ ଚେତାଇ ଦେଇଛନ୍ତି ।



◆◆ପୃଷ୍ଠା ୭

# ବନ୍ୟାଞ୍ଚଳରୁ ଛାଡ଼ିନି ପାଣି: ପୁଣି ଆକ୍ତାମାକ୍ତା କଲା ଲଘୁଚାପ ବର୍ଷା, ବାଲେଶ୍ୱରରେ ଜଳବନ୍ଦୀ ସ୍ଥିତି

ଭୁବନେଶ୍ୱର, ୨୩/୮ (ନି.ପ୍ର): ବନ୍ୟା ଦୁର୍ଦ୍ଦଶା ନକମୁଣୁ ପୁଣି ଲଘୁଚାପ ପ୍ରଭାବରେ ଲାଗି ରହିଛି ବର୍ଷା।। ଗତକାଲିଠୁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା। ହୋଇଥିବାବେଳେ ଆଜି ଉତ୍ତର ଓଡ଼ିଶାରେ ପୁଣି ବର୍ଷିଛି। ଫଳରେ ବାଲେଶ୍ୱର ସହରରେ ପୁଣି ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଭଦ୍ରକ, ଯାଜପୁର ଲୋକଙ୍କ ମନରେ ଛନକା ପଶିଛି। ସେପଟେ ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜମି ରହିଛି ପାଣି। ଜଳବନ୍ଦୀ ଅବସ୍ଥାରୁ ମୁକ୍ତି ମିଳିଛି କି ନାହିଁ ବାଲେଶ୍ୱର ସହରବାସୀଙ୍କୁ ପୁଣି ଆକ୍ତାମାକ୍ତା କରିଛି ବର୍ଷା। ଲଘୁଚାପ ପ୍ରଭାବରେ ସକାଳ ୮ଟା ୭୭ ଦଶମିକ ୨ ମିଲିମିଟର ରେକର୍ଡ ବର୍ଷା ହେବା କାରଣରୁ ସହରରେ ସୃଷ୍ଟି ହୋଇଛି ଜଳବନ୍ଦୀ ସ୍ଥିତି। କିଛି ସ୍ଥାନରେ ଲୋକଙ୍କ ଘର ଭିତରେ, ଦୋକାନରେ ପାଣି ପଶିଥିବାବେଳେ ରାସ୍ତା ଉପରେ ଲହଡି ମାରିଛି ବର୍ଷା ପାଣି।



◆◆ପୃଷ୍ଠା ୭

## ବର୍ଷା ଓ ବନ୍ୟା ପାଇଁ ୩ ଜିଲ୍ଲାରେ ସ୍କୁଲ ବନ୍ଦ ଘୋଷଣା

ଭୁବନେଶ୍ୱର, ୨୩/୮ (ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ପ୍ରଭାବରେ ଆସନ୍ତାକାଲି ଯାଏଁ ଅତ୍ୟନ୍ତ ଭୀଷଣ ବର୍ଷା ନେଇ ସତର୍କତା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। କଟକ, ଅନୁଗୋଳ, ଢେଙ୍କାନାଳ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାରେ ପ୍ରବଳରୁ ଅତ୍ୟନ୍ତ ଭୀଷଣ ବର୍ଷା ନେଇ ସତର୍କତା ଜାରି ହୋଇଛି।

◆◆ପୃଷ୍ଠା ୭

## ଶ୍ରମିକ ମୃତ୍ୟୁକୁ ନେଇ ଲିଙ୍ଗିପୁର ଛକରେ ଉତ୍ତେଜନା

ଭୁବନେଶ୍ୱର, ୨୩/୮ (ନି.ପ୍ର): ଶ୍ରମିକ ମୃତ୍ୟୁକୁ ନେଇ ଲିଙ୍ଗିପୁର ଛକରେ ଉତ୍ତେଜନା ଦେଖାଦେଇଛି । ଲିଙ୍ଗିପୁର ଛକରେ ମୃତଦେହ ରଖି ସ୍ଥାନୀୟ ଲୋକେ ଧାରଣା ଦେଇଛନ୍ତି । ଗତକାଲି ଲିଙ୍ଗିପୁରରେ କରେଂଟ ଲାଗି ଶ୍ରମିକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖାଦେଇଛି। ମାଲିକଙ୍କ ଅବହେଳା ଯୋଗୁଁ ଅଘଟଣ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ମୃତଦେହ ରଖି ପରିବାର ଲୋକ ଓ ଶ୍ରମିକ ସଂଗଠନ ଧାରଣା ଦେଇଛି ।


# ସଂସଦରେ ହେବ କି ବଡ଼ ରାଜନୈତିକ ଖେଳ ? ମହିଳା ସଂରକ୍ଷଣ- ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୩/୮ : ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ନେଇ ପୁଣି ଜୋର ଧରିଛି ଚର୍ଚ୍ଚା । ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲେ ମଧ ସଂସଦର ଅଧିବେଶନ ଆନୁଷ୍ଠାନିକ ଭାବେ ସ୍ଥଗିତ ହୋଇନଥିବାରୁ ରାଜନୈତିକ ମହଲରେ ବିଭିନ୍ନ ଆକଳନ ଆରମ୍ଭ ହୋଇଛି । ସରକାର ପୁଣି ଥରେ ଏହି ଦୁଇ ବିଲ୍‌କୁ ସଂସଦରେ ଆଣିପାରେ ବୋଲି ଚର୍ଚ୍ଚା ହେଉଛି । ରବିବାର ବିଜେପି ପକ୍ଷରୁ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ ପୁଣି ଅପିଲ୍ କରାଯାଇଛି । ଶନିବାର ପୁଣେରେ ଆୟୋଜିତ ‘ଛାତ୍ରଙ୍କ ଗୁଞ୍ଜ’ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ମହିଳା ସଶକ୍ତିକରଣ ଓ ପିତୃସତ୍ତାତ୍ମକ ଚିନ୍ତାଧାରା ନେଇ ମତ ରଖିଥିଲେ । ଏହାପରେ ବିଜେପି ଏହି ପ୍ରସଙ୍ଗକୁ ନେଇ ବିରୋଧୀଙ୍କୁ ଟାର୍ଗେଟ୍ କରିଛି । ବିଜେପି ନେତ୍ରୀ ସ୍ମୃତି ଇରାନୀ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାରେ ସହଯୋଗ କରିବାକୁ କହିଛନ୍ତି । ମହିଳାଙ୍କ ପ୍ରତିନିଧିତ୍ୱ ଓ ସଶକ୍ତିକରଣ କଥା କହୁଥିଲେ, ସଂସଦରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରିବାକୁ ସେ ଅପିଲ୍ କରିଛନ୍ତି । ଏହାକୁ ନେଇ ଉଭୟ ବିଲ୍‌କୁ ଆଗକୁ ବଢ଼ାଇବା ନେଇ ସରକାର ପ୍ରସ୍ତୁତି କରୁଥିବା ଚର୍ଚ୍ଚା ଜୋର ଧରିଛି । ଆସନ୍ତା କିଛି ସପ୍ତାହ ମଧ୍ୟରେ ଏନେଇ ସରକାର ପଦକ୍ଷେପ ନେଇପାରେ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି । ଅଗଷ୍ଟ ୧୩ରେ ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହୋଇଥିଲା । ହେଲେ ଏହାର ଆନୁଷ୍ଠାନିକ ଭାବେ ଅଧିବେଶନ ଏଯାଏଁ ହୋଇନଥିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ସାଧାରଣତଃ ଅଧିବେଶନ ମୁଲତବୀ ଓ ଅଧିବେଶନ ସ୍ଥଗିତ ନ ହେବା ମଧ୍ୟରେ କିଛି ଦିନର ବ୍ୟବଧାନ ରହିଥାଏ । କିନ୍ତୁ ଏଥର ଅସ୍ୱାଭାବିକ ବିଳମ୍ବ ଦେଖିବାକୁ ମିଳୁଛି । ସେ ପ୍ରଶ୍ନ କରିଛନ୍ତି, ଏହି ବିଳମ୍ବ ପଛରେ କ’ଣ କୌଣସି ବଡ଼ ରାଜନୈତିକ ଯୋଜନା ରହିଛି ? ସରକାର କ’ଣ ପରିସୀମନ ସମ୍ପର୍କିତ ସାମ୍ବିଧାନିକ ସଂଶୋଧନ ପାଇଁ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବାକୁ ଉଦ୍ୟମ କରୁଛି କି ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ଏପଟେ ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣକୁ ନେଇ ବିଜେପିର ଦାବି ଏବଂ କଂଗ୍ରେସର ପ୍ରଶ୍ନ ମଧ୍ୟରେ ଜାତୀୟ ରାଜନୀତି ଏବେ ସରଗରମ । ସରକାର ଏହି ବିଲ୍‌ଗୁଡ଼ିକୁ କେବେ ଓ କେଉଁ ରୂପରେ ସଂସଦରେ ଆଣୁଛି, ତା’ ଉପରେ ଏବେ ସମସ୍ତଙ୍କ ନଜର ।



# କବି ଚତୁର୍ଭୁଜ ଜେନାଙ୍କ କବିତା ପୁସ୍ତକ ଉନ୍ମୋଚିତ

## ‘ଆତ୍ମା ନିରଞ୍ଜନ’ ଓ ‘ମନ ବୃନ୍ଦାବନ’ ହେଲା ଲୋକାର୍ପିତ





ବାଲେଶ୍ୱର, ୨୩/୮ (ନି.ପ୍ର): କବି ଚତୁର୍ଭୁଜ ଜେନାଙ୍କର ଦୁଇଟି କବିତା ପୁସ୍ତକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଷ୍ଟେସନ କ୍ଲବ୍‌ରେ ଲୋକାର୍ପଣ ହୋଇଯାଇଛି। ‘ଆତ୍ମା ନିରଞ୍ଜନ’ ଓ ‘ମନ ବୃନ୍ଦାବନ’ କବିତା ପୁସ୍ତକର ସମୀକ୍ଷକ ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଓ ଡ. ଦିଲ୍ଲୀପ ରଥ କବିଙ୍କର ଲେଖାରେ ସମାଜର ଚିତ୍ର ସହ ମାନବ ଜନ୍ମର ସାର୍ଥକତା ଏବଂ ଆତ୍ମା ସହ ପରମାତ୍ମାର ସଂପର୍କ ଉପରେ ବିଭୁପ୍ରେମର ଆବଶ୍ୟକତାକୁ ଉପଲବ୍ଧି କରିଛନ୍ତି ବୋଲି ଦର୍ଶାଇଥିଲେ। ମୁଖ୍ୟ ଅତିଥି ଡ. ଶିରିଶ ଚନ୍ଦ୍ର ଜେନା ଓ ମୁଖ୍ୟବକ୍ତାଭାବେ ‘ସାଗରିକା’ ଓ ‘ଧ୍ୱନି ପ୍ରତିଧ୍ୱନି’ର ସଂପାଦିକା ସୈରିନ୍ଧ୍ରୀ ସାହୁ ଓ ପ୍ରକାଶକ ଡା. କାଳିପଦ ପଣ୍ଡା ସେମାନଙ୍କ ବକ୍ତବ୍ୟରେ ପରିଣତ ବୟସରେ କବିଙ୍କର ଏହି ଦୁଇଟି କବିତା ଗ୍ରନ୍ଥ ସହ ଅନେକ ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। କବିଙ୍କର ଛାତ୍ର ଜୀବନରୁ କଳା, ସାହିତ୍ୟ ପ୍ରତି ଅନୁରାଗ ହିଁ ତାଙ୍କୁ ଜଣେ ସାହିତ୍ୟିକ ଭାବେ ପ୍ରତିଷ୍ଠା ଆଣିଦେଇଛି ବୋଲି ସେମାନେ ମତ ଦେଇଥିଲେ। ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ କବି ଚତୁର୍ଭୁଜ ଜେନା ଅଧକ୍ଷତା କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଥିଲେ। ବରିଷ୍ଠ ଆଇନଜୀବୀ ମନୋଜ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସୁବର୍ଣ୍ଣଶ୍ରୀ ପ୍ରକାଶନୀ ପକ୍ଷରୁ ବରିଷ୍ଠ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା କ୍ରମରେ ଡ. ଅରବିନ୍ଦ ଗିରି, କବି ଚତୁର୍ଭୁଜ ଜେନାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି କବିଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଜିତେନ୍ଦ୍ର ଉପାଧ୍ୟାୟ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବାଲେଶ୍ୱରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ କବିଙ୍କ ପରିବାରବର୍ଗଙ୍କ ସହ ପଡ଼ୋଶୀମାନେ ଉପସ୍ଥିତ ଥିଲେ।

# ବ୍ରହ୍ମାକୁମାର ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ

ଭଦ୍ରକ,୨୩/୦୮ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସେବାକେନ୍ଦ୍ର ଆଗରପଡା ଆନୁକୂଲ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନ କରାଯାଇଛି । ଦାଦି ପ୍ରକାଶମଣିଙ୍କ ପୂର୍ଣ୍ଣତିଥି ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଏଠାରେ ଥିବା ଆଗରପଡା ମହିଳା ମହାବିଦ୍ୟାଳୟ ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୃଷ୍ଣ ଚରଣ ବିଦ୍ୟାମନ୍ଦିର, ଆଶାମଣି ଉଚ୍ଚ ବିଦ୍ୟାପୀଠ କୁଣ୍ଡି ମହାନ୍ତିପଡା, ଟିକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟାପକ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସେବାକେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ରହ୍ମା କୁମାରୀ ସାରଥୀ ମାର୍ଗ ଦର୍ଶନ କରିଥିଲେ । ନିଶା ସେବନର ଅପକାରିତା ସମ୍ବନ୍ଧରେ ଆଲୋଚନା କରାଯିବା ସହ ନିଜ ଜୀବନରେ ଦିବ୍ୟଗୁଣ ଧାରଣ କରି ନିଶା ସେବନରୁ ସହଜରେ ମୁକ୍ତି ପାଇବାକୁ ପରାମର୍ଶ ଦିଆଯାଇଥିଲା । ମହିଳା କଲେଜ ଅଧକ୍ଷା ନଳିନୀ ପ୍ରଭା ଶତପଥି ,ସୁସ୍ମିତା ନାୟକ,ନିଳିମା ବିଶ୍ୱାଳ, କରୁଣାକର ସାହୁ,ନିରଞ୍ଜନ ପତି, ପ୍ରଣତି ରାଉତ, ସୁନେତ୍ରା ରାୟ,କୃଷ୍ଣଚରଣ ବିଦ୍ୟାମନ୍ଦିରର ମନୋଜ ବେହେରା, ମିନତୀ ସାହୁ, ଶାନ୍ତିଲତା ଜେନା, ସରକାରୀ ବାଳିକା ବିଦ୍ୟାଳୟର ଅଜିତ୍ କୁମାର ରାଉଳ, ସାବିତ୍ରୀ ମଞ୍ଜରୀ ଦାଶ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସାଗରିକା ମହାନ୍ତି, ରଞ୍ଜିତା ଶିଅଳ, ସୁମିତ୍ରା ନାଇକ, ଆଶାମଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗଙ୍ଗାଧର ମହାନ୍ତି ମିନାକ୍ଷୀ ଉଦଗାତା, ପରେଶ କୁମାର ବାରିକ, ତାପସ କୁମାର ନନ୍ଦ, ଧିରେନ୍ଦ୍ର ଷଡଙ୍ଗୀ, ସଞ୍ଜୟ କୃଷ୍ଣ ମହାପାତ୍ର, ତାପସ ନନ୍ଦ, ପରେଶ ବାରିକ, ଟିକିରା ସ୍କୁଲରେ ଅମରେନ୍ଦ୍ର ଦାଶ, ନିନ୍ମୟୀ ମହାନ୍ତି, ମାଧବୀଲତା ରାଉତ, ଗଦାଧର ଜେନା, ପାର୍ବତୀ ସେଠୀ, ଉର୍ମିଳା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସେବା କେନ୍ଦ୍ରର ବ୍ରହ୍ମାକୁମାରୀ ମାନସୀ, ପିଙ୍କି, ମାଧବୀ, ଲିନା, ବ୍ରହ୍ମାକୁମାର ବଳରାମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଏଫଏଚଆରଏଆଇର ୫୬ ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଲେ କନକ ବର୍ଦ୍ଧନ ସିଂହଦେଓ

ବାରାଣାସୀ /ଭୁବନେଶ୍ୱର ,୨୩/୦୮ (ନି.ପ୍ର): ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣାସୀଠାରେ ଆୟୋଜିତ ଏଫଏଚଆରଏଆଇର ୫୬ତମ ବାର୍ଷିକ ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି। 'ଅନନ୍ତ କାଶୀ: ଆଧ୍ୟାତ୍ମିକତା, ସଂସ୍କୃତି, ବ୍ୟଞ୍ଜନ ଏବଂ କଳା ମାଧ୍ୟମରେ ପର୍ଯ୍ୟଟନର ଭବିଷ୍ୟତ' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି, ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ଦୃଷ୍ଟିକୋଣରୁ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଗ୍ରାମୀଣ ଅର୍ଥନୀତି ଏବଂ ବିକାଶ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। କାଶୀ ଏବଂ ଓଡ଼ିଶା ମଧ୍ୟରେ ଥିବା ଆଧ୍ୟାତ୍ମିକ ସମ୍ପର୍କ ବିଷୟରେ ଆଲୋଚନା କରି କହିଥିଲେ ଯେ, କାଶୀର ବାବା ବିଶ୍ୱନାଥ ଏବଂ ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥ 'ହରି' ଓ 'ହର'ଙ୍କ ଏକତାକୁ ଦର୍ଶାନ୍ତି। ଏହା ପର୍ଯ୍ୟଟକଙ୍କୁ କେବଳ ଭ୍ରମଣ ଅନୁଭୂତି ନୁହେଁ, ବରଂ ଭାରତୀୟ ସଂସ୍କୃତିର ଏକ ଗଭୀର ଅନୁଭୂତି ପ୍ରଦାନ କରିଥାଏ।
ଓଡ଼ିଶାରେ ସବୁ ପ୍ରକାର ପର୍ଯ୍ୟଟନ ସମ୍ଭାବନା ରହିଛି। ଆପଣଙ୍କର ପ୍ରତ୍ୟେକ ହୋଟେଲ ରହଣି ସ୍ଥାନୀୟ ଚାଷୀ, ହସ୍ତଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାହାଯ୍ୟ କରିଥାଏ। ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ରୋଜଗାର ଦେବା ପାଇଁ ହୋଟେଲ ଶିଳ୍ପ ସ୍ଥାନୀୟ ଉତ୍ପାଦ କିଣିବା ସହ ପରିବେଶ ଅନୁକୂଳ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆହ୍ୱାନ ଦେଇଛନ୍ତି।
ସରକାର, ହୋଟେଲ ଶିଳ୍ପ ଏବଂ ସ୍ଥାନୀୟ ଲୋକଙ୍କ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶାକୁ ଉତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦି ରାଜ୍ୟ ସହିତ ଯୋଡ଼ି ପର୍ଯ୍ୟଟନ ସର୍କିଟ ଗଢ଼ିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରସ୍ତାବ ମଧ ଦେଇଛନ୍ତି।
ନିଜର ଅଭିଭାଷଣ ଶେଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, 'ଭ୍ରମଣରେ ଆସି ସାଥୀରେ ପର୍ଯ୍ୟଟନର, ନିଜର ସୁନ୍ଦର ସ୍ମୃତି ଓ ଅନୁଭୂତି ନିଅନ୍ତୁ'। ସ୍ଥାନୀୟ ଐତିହ୍ୟ ଓ ଲୋକଙ୍କ ବିକାଶକୁ ଧ୍ୟାନରେ ରଖି ପର୍ଯ୍ୟଟନର ଅଭିବୃଦ୍ଧି କରିବାକୁ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରିଛନ୍ତି । ଉଦଘାଟନୀ ଅଧିବେଶନରେ ଦେଶର ପ୍ରମୁଖ ପର୍ଯ୍ୟଟନ ସଂସ୍ଥାର ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଂଟ ଆସୋସିଏସନ ସଦସ୍ୟ ଓ ଅଧିକାରୀବୃନ୍ଦ ଯୋଗଦେଇଥିଲେ।

# ଆଇଆଇଟି ଭୁବନେଶ୍ୱରକୁ ରାଜଭାଷା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର ,୨୩/୦୮ (ନି.ପ୍ର): ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରୀ ଭାଷା କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି ) ଭୁବନେଶ୍ୱରକୁ 'ରାଜଭାଷା ଉତ୍କର୍ଷ ପୁରସ୍କାର-୨୦୨୬' ଅନ୍ତର୍ଗତ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ୨୧ ଅଗଷ୍ଟ ୨୦୨୬ରେ ନଗର ରାଜଭାଷା କାର୍ଯ୍ୟଭୟନ ସମିତି (ନରାକାସ) (କାର୍ଯ୍ୟାଳୟ-୨), ନରାକାସ (ଉଦ୍ୟୋଗ), ଏବଂ ନରାକାସ (ବ୍ୟାଙ୍କ), ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ଆୟୋଜିତ 'ପ୍ରଥମ ଆନ୍ତର୍ଜାତୀୟ ରାଜଭାଷା ବାର୍ଷିକ ସମ୍ମିଳନୀ, ଓଡ଼ିଶା-୨୦୨୬' ଅବସରରେ ଓଡ଼ିଶାର ରାଜ୍ୟପାଳ ଏହି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରିଥିଲେ।

# ନୂଆପଡ଼ାରେ ଜିଲ୍ଲାପାଳଙ୍କ ଅଭିଭାଷଣ ଓ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର ଅଧିବେଶନ

ନୂଆପଡ଼ା,୨୩/୦୮ (ନି.ପ୍ର): "କେବଳ ପାଠ୍ୟପୁସ୍ତକ ପଢ଼ିବାରେ ସୀମିତ ନରହି ସୃଜନଶୀଳ ଚିନ୍ତାଧାରାର ବିକାଶ କରନ୍ତୁ। ନିଜ ଦକ୍ଷତାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ନିରନ୍ତର ପ୍ରୟାସ କରନ୍ତୁ। ଜୀବନରେ ଯେଉଁଠି ରହିବେ, ସେଠାରେ ଉତ୍କର୍ଷ ହାସଲ କରିବା ସହ ନିଜେ ଏକ ରୋଲ୍ ମଡେଲ୍ ହୋଇ ଅନ୍ୟଙ୍କ ପାଇଁ ପ୍ରେରଣା ପାଲଟନ୍ତୁ।" ଡିଆଇଇଟି, ନୂଆପଡ଼ାର ଛାତ୍ରଛାତ୍ରୀଙ୍କୁ ଏଭଳି ପ୍ରେରଣା ଦେଇଥିଲେ ଜିଲ୍ଲାପାଳ ମଧୁସୂଦନ ଦାଶ।
ଡିଆଇଇଟି, ନୂଆପଡ଼ାରେ ଆୟୋଜିତ ପ୍ରେରଣାଦାୟୀ ଅଭିଭାଷଣ ଓ ପ୍ରଶ୍ନୋତର ଅଧିବେଶନରେ ଯୋଗଦେଇ ଜିଲ୍ଲାପାଳ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ଫଳାଫଳ ପାଇବାର ମାଧ୍ୟମ ଭାବେ ନଦେଖି ଜୀବନକୁ ବୁଝିବା, ନିଜ ବ୍ୟକ୍ତିତ୍ୱ ଗଢ଼ିବା ଏବଂ ସମାଜ ପାଇଁ ସକାରାତ୍ମକ ଅବଦାନ ରଖିବାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହ ସୃଜନଶୀଳତା,ଶୃଙ୍ଖଳା ଓ ନେତୃତ୍ୱ ଗୁଣର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। 'ଶିକ୍ଷାଦାନ ଏକ ଗରିମାମୟ କାର୍ଯ୍ୟ'ଏହି ଭାବନାକୁ ଆତ୍ମସାତ୍ କରି ଭବିଷ୍ୟତର ଶିକ୍ଷକ ଭାବେ ନିଜ ଦାୟିତ୍ୱକୁ ନିଷ୍ଠା, ସମର୍ପଣ ଓ ଗର୍ବର ସହ ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜଣେ ଶିକ୍ଷକ କେବଳ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ଛାତ୍ରଛାତ୍ରୀଙ୍କ ଚରିତ୍ର, ଚିନ୍ତାଧାରା ଓ ଭବିଷ୍ୟତ ଗଢ଼ିବାରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ଜିଲ୍ଲାପାଳ କହିଥିଲେ।
ଏହି ଅବସରରେ ଜିଲ୍ଲାପାଳ ନିଜ ଜୀବନଯାତ୍ରାର ବିଭିନ୍ନ ଅନୁଭୂତି ଛାତ୍ରଛାତ୍ରୀଙ୍କ ସହ ବାଂଟିଥିଲେ। କେନ୍ଦ୍ରାପଡ଼ାରୁ ଆରମ୍ଭ ହୋଇଥିବା ତାଙ୍କ ଜୀବନଯାତ୍ରାରେ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ ପରିବାର ଶିକ୍ଷା ପାଇଁ କିପରି ଦୃଢ଼ ସମର୍ଥନ ଦେଇଥିଲେ, ସେ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। କଲେଜ ଜୀବନରେ ଛାତ୍ରନେତା ଭାବେ ଅନୁଭୂତି ସାଉଁଟିବାଠାରୁ ଆରମ୍ଭ କରି ଓଡ଼ିଶା ପ୍ରଶାସନିକ ସେବାରେ ପ୍ରବେଶ ଏବଂ ବିଭିନ୍ନ ଦାୟିତ୍ୱ ନିର୍ବାହ ପରେ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇବା ପର୍ଯ୍ୟନ୍ତର ଅନୁଭବ ସେ ଛାତ୍ରଛାତ୍ରୀଙ୍କ ସହ ବାଂଟିଥିଲେ। ସଂଘର୍ଷ, ଧୈର୍ଯ୍ୟ, ପରିଶ୍ରମ ଓ ଦୃଢ଼ ଲକ୍ଷ୍ୟ ହିଁ ଜୀବନରେ ସଫଳତାର ମୁଖ୍ୟ ଆଧାର ବୋଲି ସେ କହିଥିଲେ। ସାହିତ୍ୟ ପ୍ରତି ନିଜର ଅନୁରାଗ ସମ୍ପର୍କରେ ମଧ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ସହ ଅନୁଭୂତି ବାଂଟିଥିଲେ। ନିୟମିତ ପଢ଼ାଲେଖା ମଣିଷର ଚିନ୍ତାଧାରାକୁ ସମୃଦ୍ଧ କରିବା ସହ ଦୃଷ୍ଟିକୋଣକୁ ବ୍ୟାପକ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଡିଆଇଇଟିର ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଜୀବନ, ବ୍ୟକ୍ତିତ୍ୱ ଓ କାର୍ଯ୍ୟଧାରାକୁ ନେଇ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ ପ୍ରଶ୍ନୋତର ଅଧିବେଶନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସାମୟିକ ଓ ପ୍ରଶାସନିକ ବିଷୟରେ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ମୁକ୍ତ ଅଭିଯାନ, ନିର୍ବାଚନ ପରିଚାଳନା, କାର୍ଯ୍ୟ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସମନ୍ୱୟ, ଶାରୀରିକ ସୁସ୍ଥତା ଓ ଫିଟନେସ୍ ଆଦି ବିଷୟରେ ସେମାନଙ୍କ ପ୍ରଶ୍ନ ରହିଥିଲା। ଜିଲ୍ଲାପାଳ ସହଜ ଓ ସ୍ପଷ୍ଟ ଭାବେ ପ୍ରଶ୍ନଗୁଡ଼ିକର ଉତର ଦେବା ସହ ନିଜ ଅନୁଭୂତି ଆଧାରରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଡିଆଇଇଟିର ଅଧ୍ୟକ୍ଷ ନରୋତମ ଭୋଇ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ବଳ ସଂଯୋଜକ ଅନିଲ କୁମାର ଲେଙ୍କା ମଂଚ ପରିଚାଳନା କରିଥିଲେ।

# ଫଟୋଗ୍ରାଫି ପ୍ରଦର୍ଶନୀ ଉଦ୍‌ଯାପିତ: କୃତି ଫୋଟଗ୍ରାଫରଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ସାମ୍ବାଦିକ ସଂଘ

ସମ୍ବଲପୁର,୨୩/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନ ବିଶ୍ୱ ଫୋଟୋଗ୍ରାଫି ଦିବସରେ ଆରମ୍ଭ ହୋଇଥିବା ଫୋଟୋ ପ୍ରଦର୍ଶନୀ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ସାମ୍ବାଦିକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ସଂଚୟ ଓ ଆର୍ଥିକ ସେବା ର ସହ ନିର୍ଦ୍ଦେଶକ ନୀଳାଂଚଳ ସେଠି, ସମ୍ମାନିତ ଅତିଥି ଭାବରେ ଚଢେଇ କ୍ଲବର ସମ୍ପାଦକ ପ୍ରଶାନ୍ତ ପ୍ରଧାନ ଯୋଗ ଦେଇଥିଲେ । ସମ୍ବଲପୁର ସାମ୍ବାଦିକ ସଂଘ ର ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେବା ସହ ଏହି ବିଶ୍ୱ ଫୋଟୋଗ୍ରାଫି ଦିବସ ରେ ଫୋଟୋ ପ୍ରଦର୍ଶନୀର ଆୟୋଜନ କରିବାର ଉଦେଶ୍ୟ ବିଷୟରେ କହିଥିଲେ । ଶ୍ରୀ ପାଣିଗ୍ରାହୀ ଫୋଟଗ୍ରାଫର ମାନଙ୍କର ସହଯୋଗଙ୍କୁ ଭୂୟସୀ ପ୍ରସଂଶା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସେଠି କହିଲେ ଯେ, ଚିତ୍ର ରେ ଯେମିତି ଜୀବନ ଥାଏ ଫୋଟୋ ଚିତ୍ର ରେ ରହିଥାଏ ଜୀବନ । ଫୋଟୋଗ୍ରାଫର ଅକ୍ଳାନ୍ତ ପରିଶ୍ରମ ଓ ଏକାଗ୍ରତା ରେ ହିଁ ସୃଷ୍ଟି ହୁଏ ଗୋଟେ ଫୋଟୋ ଯାହାକି ଅମର ହୋଇ ରହିଯାଏ । ତାହାହିଁ ହୋଇଥାଏ ସେଇ ସ୍ରଷ୍ଟା ଫୋଟଗ୍ରାଫର ଙ୍କର ତପସ୍ୟା ର ଫଳ । ସମ୍ମାନିତ ଅତିଥି ଶ୍ରୀ ପ୍ରଧାନ ତାଙ୍କର ବକ୍ତବ୍ୟ ରେ କହିଲେ ଯେ, ନିଜର ସ୍ୱପ୍ନରେ ଫୋଟୋ କୁ କ୍ଲିକ କରିବାକୁ ବା କ୍ୟାମେରା ରେ କଏଦ କରିବାକୁ ଲାଗିଯାଏ ଦିନଦିନ ରାତିରାତି ବିତି ଯାଏ । ତଥାପି ଫୋଟଗ୍ରାଫର ମନରେ ଶାନ୍ତି ଆସେନାହିଁ ବୋଲି ନିଜ ଅନୁଭୂତି ରୁ କହିଥିଲେ ଶ୍ରୀ ପ୍ରଧାନ । ଏହି ଅବସରରେ ଫୋଟୋ ପ୍ରଦର୍ଶନୀରେ ପ୍ରଦର୍ଶନ ପାଇଁ ବହୁମୂଲ୍ୟ ଫୋଟୋ ଦେଇଥିବା ଫୋଟଗ୍ରାଫର ଅରବିନ୍ଦ ମିଶ୍ର, ଶ୍ୟାମ ସୁନ୍ଦର ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ବିଶ୍ୱନାଥ ବଗର୍ତ୍ତୀ, ସୌରଭ ଜେନା, ଆଶିଷ ପ୍ରଧାନ, ସୁବାଷ ପାଣିଗ୍ରାହୀ, ଶଙ୍କର ବେହେରା, ଶ୍ରୀଷ୍ଟି ପ୍ରଧାନ, ବିଶ୍ୱଜିତ କାଲୋ, ସୂର୍ଯ୍ୟ ପାଣିଗ୍ରାହୀ, ବିକାଶ ପଲସାନିଆ, ରଂଜିତ ସାହୁ, କରୁଣାକର ଶତପଥି, ଭୁବନେଶ୍ୱର ପାତ୍ର, ଚିତରଞ୍ଜନ ବଡ଼ପଣ୍ଡା, ପ୍ରିୟ ରଞ୍ଜନ ସାହୁ, ଦୀପକ ପଣ୍ଡା ଓ ସ୍ୱର୍ଗତ ବଲମଜୀ ଲାଲଜୀ ଭାରୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଶଙ୍କର ବେହେରା ଏହି ଫୋଟୋ ପ୍ରଦର୍ଶନୀ କୁ ସଫଳ କରିବା ପାଇଁ ସହଯୋଗ ର ହାତ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା

କେନ୍ଦ୍ରାପଡ଼ା,୨୩/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ପଟ୍ଟାମୁଣ୍ଡାଇ ଶ୍ରୀରାମପୁରରେ ବନ୍ୟା ବିପନ୍ନଙ୍କୁ ଜିଲା ସଭାନେତ୍ରୀ ଡଃ. ଜ୍ୟୋସ୍ନା ରାଣୀ ଜେନାଙ୍କ ନେତୃତ୍ୱରେ ସହାୟତା ପ୍ରଦାନ କରାଯାଇଛି। ବିପନ୍ନ ମାନଙ୍କ ପାଇଁ, ଚୁଡ଼ା, ଚିନି, ବିସ୍କୁଟ, ଅମୁଲ, ଓଆରଏସ, ମିକ୍ସଚର, ପାଣି ବୋତଲ, ପାଉଁରୁଟି ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡଃ. ଜେନା ଗଣମାଧ୍ୟମକୁ କହିଥିଲେ ବିପନ୍ନଙ୍କୁ କେବଳ ଯେ ସରକାର ସାହାଯ୍ୟ କରିବେ ତାହା ଭାବିବା ଠିକ୍ ନୁହେଁ। ଲୋକମାନଙ୍କୁ ନେଇ ସରକାର ଗଠନ ହୋଇଥାଏ। ତେଣୁ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢାଇବା ଉଚିତ। ବିପନ୍ନଙ୍କୁ ବିପଦରେ ସହଯୋଗ କଲେ ଜୀବନର ପରମ ଶାନ୍ତି ମିଳିଥାଏ। ବିପନ୍ନଙ୍କ ଗହଣରେ କିଛି ସମୟ ବିତାଇବା ପରେ ଏହି ଅନୁଭବ ହୋଇଥିଲା ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ଏ ନେଇ ତିନୋଟି ଡ଼ଙ୍ଗା ଯୋଗାଇ ଦେଇଥିଲା। ମହିଳା ମୋର୍ଚ୍ଚାର କର୍ମକର୍ତା ମାନେ ଡଙ୍ଗାରେ ରିଲିଫ ନେଇ ବିପନ୍ନଙ୍କ ପାଖରେ ପହଂଚି ଥିଲେ। ତେଣୁ ଜିଲା ପ୍ରଶାସନଙ୍କୁ ସେ ସାଧୁବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡଃ. ଜ୍ୟୋସ୍ନାରାଣୀ ଜେନା, ଭାରତ ଭୂଷଣ ଦାସ, ଗିରଜା ଶଙ୍କର ଦାସ, ବନ୍ଦନା ରାଣୀ ରାଉତରାୟ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥି, ରୀନାରାଣୀ ଦାସ, ମଧୁସ୍ମିତା ମଲ୍ଲ, ପଙ୍କଜିନୀ ସାମଲ, ସୁଷମା ଭୂୟାଁ, ହିମାଂଶୁ ଲେଙ୍କା,ରଶ୍ମି ରଞ୍ଜନ ରାଉତ, ଅନିଲ ସ୍ୱାଇଁ, ପଙ୍କଜ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଖୁଦପେଜ୍ ଗୌରବ' ଓ 'ପ୍ରଶସ୍ତି ସମ୍ମାନ'ରେ ଜିଲ୍ଲାପାଳ ମଧୁସୂଦନ ଦାଶ ସମ୍ମାନିତ

ନୂଆପଡ଼ା,୨୩/୦୮ (ନି.ପ୍ର): ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଗଠନ ସହ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସମ୍ମାନ ଜଣାଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଖୁଦପେଜ୍ ଗ୍ରାମ ପଂଚାୟତ ଏବଂ ବୋଡ଼େନ ବ୍ଲକ ପଳସଦା ଗ୍ରାମ ପଂଚାୟତ ଅନ୍ତର୍ଗତ ବୁଢ଼ାପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ଖୁଦପେଜ୍ ପକ୍ଷରୁ ଜିଲ୍ଲାପାଳଙ୍କୁ 'ଖୁଦପେଜ୍ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିବାବେଳେ ବୁଢ଼ାପଡ଼ାରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ମୁକ୍ତ ଅଭିଯାନରେ ନେତୃତ୍ୱ ପାଇଁ 'ପ୍ରଶସ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଚାଲିଥିବା ଏସୟୁ ପି ଫ୍ରି ନୁଆପଡା ଅଭିଯାନକୁ ପ୍ରଶାସନିକ ପଦକ୍ଷେପରୁ ଜନଆନ୍ଦୋଳନରେ ପରିଣତ କରିବା ସହ ପ୍ଲାଷ୍ଟିକ୍ର ବିକଳ୍ପ ବ୍ୟବହାର, ଉତ୍ସସ୍ଥଳରେ ବର୍ଜ୍ୟ ପୃଥକୀକରଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରି ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ଜିଲ୍ଲା ପ୍ରଶାସନର ପଦକ୍ଷେପ ପ୍ରତି ଗ୍ରାମାଂଚଳରେ ସୃଷ୍ଟି ହୋଇଥିବା ଜନସମର୍ଥନର ଏକ ପ୍ରତିଫଳନ ବୋଲି ଅଭିହିତ କରାଯାଇଛି। ଏହି ଅବସରରେ ଖୁଦପେଜ୍ ଗ୍ରାମ ପଂଚାୟତରେ 'ଅକ୍ସିଜେନ୍ ବ୍ୟାଙ୍କ', ବର୍ଜ୍ୟ ପରିଚାଳନା କେନ୍ଦ୍ର ଓ 'ମଡେଲ୍ ରୁରାଲ୍ ହାଟ୍' ଉଦ୍ଘାଟିତ ହୋଇଥିଲା। ଏଥିସହ ଏକ ପ୍ଲାଂଟେସନ୍ ସାଇଟର ମଧ ଉଦ୍ଘାଟନ କରାଯାଇଥିଲା। ଗ୍ରାମୀଣ ସ୍ତରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଜନକଲ୍ୟାଣକୁ ଏକାଠି କରି ଏଭଳି ପଦକ୍ଷେପ ନିଆଯିବାକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଖୁଦପେଜ୍ର 'ଅକ୍ସିଜେନ୍ ବ୍ୟାଙ୍କ' ଜୁଲାଇ ୨୦୨୫ରୁ କାର୍ଯ୍ୟକ୍ଷମ ରହିଛି। ଗ୍ରାମ ପଂଚାୟତ ପକ୍ଷରୁ ଏହାର ନିରନ୍ତର ରକ୍ଷଣାବେକ୍ଷଣ ଓ ପରିଚାଳନା କରାଯାଇ ଏହାକୁ ଆଜି ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଭାଗିତାରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା କ୍ଷେତ୍ରରେ ଏହା ଏକ ଉଦାହରଣୀୟ ପଦକ୍ଷେପ ବୋଲି ଅତିଥିମାନେ ମତ ଦେଇଥିଲେ। ଖୁଦପେଜେରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତା, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଓ ଅବନୀ ଯୋଶୀ, ବିଡିଓ ମିଳନ ଝଙ୍କାର, ସିଡିଭିଓ ସୁଖେନ୍ଦୁ ରାୟ, ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଅଧୀକ୍ଷଣ ଯନ୍ତ୍ରୀ ଜୟପୁରିଆ, ସରପଂଚ ଯଶୋଦା ଶତପଥୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବିଆର୍ସି ବିପିନ ଯୋଶୀଙ୍କ ସମେତ ଏଏନ୍ଏମ୍, ଆଶାକର୍ମୀ, ଗ୍ରାମବାସୀ ଓ ସ୍ୱଚ୍ଛତାକର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ବୋଡ଼େନ ବ୍ଲକର ପଳସଦା ଗ୍ରାମ ପଂଚାୟତ ଅନ୍ତର୍ଗତ ବୁଢ଼ାପଡ଼ାରେ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ମୁକ୍ତ ଅଭିଯାନରେ ଜିଲ୍ଲାର ନେତୃତ୍ୱ ପାଇଁ 'ପ୍ରଶସ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା।

# ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଲେ ବୟସ୍କ ସଂଗଠନ ସମୁଦାୟ

## ରାଜ୍ୟରେ ବିଶ୍ୱ ବରିଷ୍ଠ ଦିବସ ହେବ ବରିଷ୍ଠଙ୍କ ପାଇଁ, ବରିଷ୍ଠଙ୍କ ଦ୍ୱାରା ଆୟୋଜିତ ହେବ ବୟୋଜ୍ୟେଷ୍ଠ ଉତ୍ସବ : ସୃଜନଶୀଳ ନିପୁଣତା ପ୍ରଦର୍ଶିତ କରିବେ ବୟସ୍କ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକରେ ବୟୋଜ୍ୟେଷ୍ଠ ଉତ୍ସବ ୨୦୨୬କୁ ରାଜ୍ୟର ବାର୍ଷିକ ପରମ୍ପରା ଭାବେ ସ୍ୱୀକୃତି ଦେବା ଏବଂ ୧ ଅକ୍ଟୋବର ୨୦୨୬ରେ ପାଳିତ ହେଉଥିବା ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସର ସରକାରୀ ଉତ୍ସବ ସହିତ ଏହାକୁ ସମନ୍ୱିତ କରିବା ପାଇଁ ଦୃଢ଼ ସୁପାରିଶ କରାଯାଇଛି। ଏହି ବୈଠକରେ ବୟୋଜ୍ୟେଷ୍ଠ ନାଗରିକମାନେ ନିଜେ ନିଜ ଉତ୍ସବର ଅଧିକାରୀ ହେବାର ନୀତିକୁ ପ୍ରାଥମିକତା ଦିଆଯାଇଛି। ଆଜି ବୟସ୍କ ସମର୍ପିତ ବୋଉ ଫାଉଣ୍ଡେସନ ଆହୁତ ଏବଂ ରାଜ୍ୟ ବୟସ୍କ ସଂଗଠନ ସମୁଦାୟ ସମର୍ଥିତ ବୟୋଜ୍ୟେଷ୍ଠ ଉତ୍ସବ ପ୍ରସ୍ତୁତି ବୈଠକରେ ଓଡ଼ିଆ ସିନେମାର ଜୀବନ୍ତ କିମ୍ବଦନ୍ତୀ ଶ୍ରୀ ପ୍ରଶାନ୍ତ ନନ୍ଦ, ସାମାଜିକ ନେତା ଓ ସମ୍ବାଦ ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ରାଜନେତା ଓ ମହାନ କବି ଡଃ ପ୍ରସନ୍ନ ପଟ୍ଟସାଣୀ, ଉତ୍ସବମୁଖ୍ୟ ଓ ବିଧାୟକ ଶ୍ରୀ ବାବୁ ସିଂ, ଉତ୍ସବ ମାର୍ଗଦର୍ଶକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ଅରବିନ୍ଦ ବେହେରା, ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ଲେଖକ ଦାଶ ବେନହୁର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ ନେତା ଶ୍ରୀ ଜଗନ୍ନାଥ ପ୍ରଧାନ, ଅନ୍ୟତମ ଉତ୍ସବ ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ସତପଥୀ ଏବଂ ରାଜ୍ୟସ୍ତରୀୟ ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସଂଗଠନର ଅଧ୍ୟକ୍ଷ, ସମ୍ପାଦକ ତଥା ସମଗ୍ର କାର୍ଯ୍ୟନିର୍ବାହୀ ସମିତିର ସଦସ୍ୟମାନେ ସମ୍ମିଳିତ ଭାବେ ଏ ପ୍ରସ୍ତାବ ରଖିଛନ୍ତି ରାଜ୍ୟ ସରକାରଙ୍କ ନିକଟରେ ।ବୈଠକରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷ ନିଜ ମତ ବ୍ୟକ୍ତ କରିଥିଲେ। ସମ୍ବାଦ ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ, "ବୟୋଜ୍ୟେଷ୍ଠ ନାଗରିକମାନେ ଏବେ ନିଜ ଜୀବନକୁ ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍ ପରି ଖେଳନ୍ତୁ, ଯେଉଁଥିରେ ଜିତିବା ହେଉଛି ମୁଖ୍ୟ ଲକ୍ଷ୍ୟ।" ଓଡ଼ିଆ ସିନେମାର ଜୀବନ୍ତ କିମ୍ବଦନ୍ତୀ ଶ୍ରୀ ପ୍ରଶାନ୍ତ ନନ୍ଦ କହିଥିଲେ, "ଏହା ସମୟ ଯେ ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସମାଜରୁ ଯାହା ପାଇଛନ୍ତି, ତାହାକୁ ଭଲ କାମ କରି ସମାଜକୁ ଫେରାଇ ଦିଅନ୍ତୁ।" ଡଃ ପ୍ରସନ୍ନ ପଟ୍ଟସାନୀ କହିଥିଲେ, "ଆସନ୍ତୁ ଆମେ ଆମର ଅବଶିଷ୍ଟ ଜୀବନକୁ ଆମର ସୃଜନଶୀଳ ପ୍ରତିଭା ମାଧ୍ୟମରେ ଉପଭୋଗ କରିବା।" ଉତ୍ସବ ମୁଖ୍ୟ ଓ ବିଧାୟକ ଶ୍ରୀ ବାବୁ ସିଂ ଉପସ୍ଥିତ ସମସ୍ତ ବୟୋଜ୍ୟେଷ୍ଠ ନାଗରିକଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ବୋଉ ଫାଉଣ୍ଡେସନ ଏବଂ ରାଜ୍ୟସ୍ତରୀୟ ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସଂଗଠନମାନଙ୍କ ସହଯୋଗରେ ପରିକଳ୍ପିତ ଏବଂ ପ୍ରସ୍ତୁତ କରାଯାଇଥିବା ଏହି ବୟୋଜ୍ୟେଷ୍ଠ ଉତ୍ସବ ନିଶ୍ଚିତ ଭାବେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଶଂସିତ ହେବ ଏବଂ ଦେଶର ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବ । ବୈଠକରେ ଆଲୋଚନା




କରାଯାଇଥିଲା ଯେ, ଗତ ଦୁଇ ବର୍ଷ ଧରି ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଅଧୀନରେ ଆୟୋଜିତ ଉତ୍ସବଗୁଡ଼ିକ ମୁଖ୍ୟତଃ ବାହାର ବ୍ୟବସାୟିକ ଇଭେଣ୍ଟ ମ୍ୟାନେଜମେଣ୍ଟ ଏଜେନ୍ସିମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଫଳରେ ବୟୋଜ୍ୟେଷ୍ଠ ନାଗରିକମାନେ କେବଳ ଦର୍ଶକ ଭାବେ ରହିଥିଲେ ଏବଂ ନିଜ ସୃଜନଶୀଳତା, ଜୀବନ କାହାଣୀ ଓ ଭାବନାତ୍ମକ ସନ୍ତୁଷ୍ଟି ପ୍ରକାଶ କରିବାର ସୁଯୋଗ ପାଉନଥିଲେ। କିନ୍ତୁ ଏହି ବର୍ଷ ପ୍ରୋଜେକ୍ଟ ରାହା ମାଧ୍ୟମରେ ବୋଉ ଫାଉଣ୍ଡେସନ ଏକ ସମ୍ପୂର୍ଣ୍ଣ ଅଲଗା ମଞ୍ଚ ପ୍ରସ୍ତୁତ କରିଛି, ଯେଉଁଠାରେ ବୟୋଜ୍ୟେଷ୍ଠ ନାଗରିକମାନେ ନିଜେ ଉତ୍ସବର ଅଧିକାରୀ, ଆୟୋଜକ ଓ ପ୍ରଦର୍ଶନକାରୀ ହେବାପାଇଁ ଆଗଭର ହେଇଛନ୍ତି । ହଜାର ହଜାର ବୟୋଜ୍ୟେଷ୍ଠ ଗୀତ, ନୃତ୍ୟ, ଅଭିନୟ, କବିତା ଓ କାହାଣୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜକୁ ସକ୍ରିୟ ସୃଷ୍ଟିକର୍ତ୍ତା ଭାବେ ଅନୁଭବ କରିଛନ୍ତି। ଏହା ଫଳରେ ଏକାକୀତ୍ୱ, ମାନସିକ ଚାପ ଓ ସଂଗଠନଗତ ବିଭାଜନ ଦୂର ହୋଇ ଗଭୀର ସହଭାଗିତା ଓ ଆତ୍ମୀୟତା ସୃଷ୍ଟି ହୋଇଛି। ଉତ୍ସବ ମୁଖ୍ୟ ଓ ବିଧାୟକ ଶ୍ରୀ ବାବୁ ସିଂ ଏହି ବୈଠକର ନିଷ୍ପତ୍ତି ଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ନିବେଦନ ଓ ପ୍ରସ୍ତାବ ଉପସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୁପାରିଶରେ ମୁଖ୍ୟତଃ ତିନୋଟି ପ୍ରସ୍ତାବ ରହିଛି: ପ୍ରଥମ ବୟୋଜ୍ୟେଷ୍ଠ ଉତ୍ସବକୁ ୧ ଅକ୍ଟୋବର ୨୦୨୬ର ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସର ସରକାରୀ ଉତ୍ସବ ସହିତ ସମନ୍ୱିତ କରାଯାଉ, ଦ୍ୱିତୀୟ, ଉତ୍ସବ ର ସମ୍ପୂର୍ଣ୍ଣ ମାଲିକାନା ବୟୋଜ୍ୟେଷ୍ଠ ନାଗରିକ ସମୁଦାୟର ହାତରେ ରହିବ ଏହା ରାଜ୍ୟ ବୟୋଜ୍ୟେଷ୍ଠ ଉତ୍ସବ ସମିତି ମାଧ୍ୟମରେ ପରିଚାଳିତ ହେବ। ଏହା କେବଳ ଝଡଉଚଡ଼ କର୍ମଚାରୀ କିମ୍ବା ବ୍ୟବସାୟିକ ଏଜେନ୍ସିଙ୍କ ହାତରେ ଛାଡ଼ିଯିବ ନାହିଁ ଏବଂ ତୃତୀୟ ଉତ୍ସବ କୁ ରାଜ୍ୟ ସରକାରର ବାର୍ଷିକ ପରମ୍ପରା ଭାବେ ସ୍ଥାପିତ କରାଯାଉ, ଯାହାଫଳରେ ପ୍ରତିବର୍ଷ ୧ ଅକ୍ଟୋବରରେ ବୟୋଜ୍ୟେଷ୍ଠମାନେ ନିଜ ଦିନର ସୃଷ୍ଟିକର୍ତ୍ତା ଓ ପ୍ରକୃତ ଆୟୋଜକ ରହିବେ । ଏହି ସମୁଦାୟ ମଡେଲ ପ୍ରମାଣିତ ହୋଇଛି ଯେ ଏହା ବୟୋଜ୍ୟେଷ୍ଠ ଏକାକୀତ୍ୱର ସୁସ୍ଥତା, ଗୌରବର ପୁନଃସ୍ଥାପନ, ସଂଗଠନଗତ ବିଭାଜନର ଅବସାନ ଓ ଉଦ୍ଦେଶ୍ୟବୋଧ ସୃଷ୍ଟି କରେ। ରାଜ୍ୟ ସରକାର ଏହି ଆନ୍ଦୋଳନକୁ ସ୍ୱୀକୃତି ଦେଇ ସହାୟକ ଭୂମିକା ଗ୍ରହଣ କଲେ ଓଡ଼ିଶା ସମଗ୍ର ଦେଶ ପାଇଁ ଏକ ଆଦର୍ଶ ରାଜ୍ୟ ଭାବେ ଉଭା ହୋଇପାରିବ। ବୟୋଜ୍ୟେଷ୍ଠ ଉତ୍ସବ ୨୦୨୬ ଆୟୋଜନ ସମିତି, ବୋଉ ଫାଉଣ୍ଡେସନ ଏବଂ ରାଜ୍ୟସ୍ତରୀୟ ବୟୋଜ୍ୟେଷ୍ଠ ନାଗରିକ ସଂଗଠନମାନେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି, ଯେଉଁଥିରେ ମାଲିକାନା, ସୃଜନଶୀଳତା ଓ ଦୀର୍ଘସ୍ଥାୟୀ ଭାବନାତ୍ମକ ପ୍ରଭାବ ସବୁବେଳେ ବୟୋଜ୍ୟେଷ୍ଠ ନାଗରିକମାନଙ୍କ ହାତରେ ରହିବ।ଭୁବନେଶ୍ୱର ସହରର ଯେକୌଣସି ବୟୋଜ୍ୟେଷ୍ଠ ନାଗରିକ ଯଦି ବୟୋଜ୍ୟେଷ୍ଠ ଉତ୍ସବ ୨୦୨୬ର ବିଭିନ୍ନ ପ୍ରତିଯୋଗିତା ବିଭାଗରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ, ତେବେ ସେମାନେ ବୋଉ ଫାଉଣ୍ଡେସନ କିମ୍ବା ରାଜ୍ୟସ୍ତରୀୟ ଯେକୌଣସି ବୟୋଜ୍ୟେଷ୍ଠ ନାଗରିକ ସଂଗଠନ ସହିତ ଯୋଗାଯୋଗ କରିପାରିବେ। ସମସ୍ତ ବୟୋଜ୍ୟେଷ୍ଠ ନାଗରିକଙ୍କୁ ଏହି ଐତିହାସିକ ଉତ୍ସବରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ କରାଯାଉଛି। ଉତ୍ସବ ପ୍ରତିଯୋଗିତା ସେପଟ୍ମ୍ବର ଅଠର ତାରିଖରୁ ପଚିଶ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଅଂଶଗ୍ରହଣ ନିମନ୍ତେ ସେପଟ୍ମ୍ବର ଦଶ ତାରିଖ ଶେଷ ଦିନ ଏବଂ ଅକ୍ଟୋବର ଏକ ତାରିଖରେ ବିଶ୍ୱ ବୟୋଜ୍ୟେଷ୍ଠ ଦିବସରେ ବିଜେତା ଘୋଷଣା ସହିତ ସମ୍ମାନ ପ୍ରଦାନ ଉତ୍ସବ ।

# ଗୁଡଭେଲା ବ୍ଲକ୍ ସ୍ତରୀୟ ଅନ୍ତର୍ନିବେଶି ଶିକ୍ଷା ଓ ଶ୍ରେଣୀ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ

ବଲାଙ୍ଗିର,୨୩/୦୮ (ନି.ପ୍ର): ଗୁଡଭେଲା ବ୍ଲକ୍ ସ୍ତରୀୟ ଅନ୍ତର୍ନିବେଶି ଶିକ୍ଷା ଓ ଶ୍ରେଣୀ ପରିଚାଳନା ତାଲିମ ଶିବିର ଅଜୀମ ପ୍ରେମଜୀ ଫାଉଣ୍ଡେସନ ଓ 'ରେଆର, ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ତୁଷୁରା ଓ ଗୁଡଭେଲା ଠାରେ ଅନୁଷ୍ଠିତ ହୋଇ ଯାଇଛି। ତୁଷୁରା ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଆର୍ସିସି ଶ୍ୟାମ ସୁନ୍ଦର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ହେମନ୍ତ କୁମାର ଦାଶ ଉଦ୍ଘାଟକ ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ବିଆର୍ଟି ଜୁଲ୍ ଫିକର୍ ଖାନ୍ ସାଧନ କର୍ମୀ ଭାବେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ। ଡ. ଅନୁପ କୁମାର ମେହେର ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କ୍ଷେତ୍ର ଲାଲ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଠିକ୍ ସେହିପରି ଗୁଡଭେଲା ଠାରେ ତେନ୍ତୁଳି ପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ସୁଶାନ୍ତ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ନନ୍ଦି କିଶୋର ଷାଣ୍ଢ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ୨୪ ଅଗଷ୍ଟ ୨୦୨୬ ସୋମବାର




## ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ ଏହା କ୍ଷତିକାରକ...

ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ । ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ । ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ ।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ । କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍ସର ଆଶଙ୍କା ବଢ଼ିଯାଏ ।

ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ । ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ ।

ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ । କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ ।

ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ । ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ । ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ ।




ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ ।

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ





ଯେତେ ରୋଜଗାର କଲେ ପାଖରେ ରହୁନି କି ଟଙ୍କା ? ଏହାକୁ ନେଇ ସର୍ବଶ୍ରେଷ୍ଠ ଅର୍ଥନୀତିଜ୍ଞ ଏବଂ ରଣନୀତିଜ୍ଞ ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି କିଛି କୁଅଭ୍ୟାସ ପାଇଁ ପାଖରେ ଟଙ୍କା ରହେ ନାହିଁ । ଟଙ୍କା ଉପାର୍ଜନ କରିବା ଯଥେଷ୍ଟ ନୁହେଁ; ଏହାକୁ ପରିଚାଳନା କରିବା ଏବଂ ସଠିକ୍ ଦିଗରେ ବିନିଯୋଗ କରିବା ମଧ ଜରୁରୀ । ଯଦି ଆପଣ ଚାହାନ୍ତି ଯେ, ଆପଣଙ୍କ ଟଙ୍କା ସ୍ଥାୟୀ ହେଉ ଏବଂ ବୃଦ୍ଧି ପାଉ, ତେବେ ଆପଣଙ୍କୁ ପ୍ରଥମେ ସେହି ଅଭ୍ୟାସଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଯାହା ଆପଣଙ୍କ ଆର୍ଥିକ ଭବିଷ୍ୟତ ପାଇଁ ବିପଦ ସୃଷ୍ଟି କରୁଛି । ଚାଣକ୍ୟ ନୀତିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଯେଉଁମାନେ ଅଳସୁଆ ଏବଂ ଅନୁଶାସନହୀନ ଜୀବନଯାପନ କରନ୍ତି ସେମାନଙ୍କ ପାଖରେ ଟଙ୍କା ଅଧିକ ଦିନ ସ୍ଥାୟୀ ହୁଏ ନାହିଁ । ଏପରି ଲୋକମାନେ ରୋଜଗାରର ସୁଯୋଗ ହରାଇଥାନ୍ତି ଏବଂ ସେମାନଙ୍କ ଟଙ୍କାକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୁଅନ୍ତି ।

ଯେଉଁ ବ୍ୟକ୍ତି କେବଳ ନିଜ ପାଇଁ କାମ କରନ୍ତି ଏବଂ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଚିନ୍ତା କରନ୍ତି ନାହିଁ ସେ ଶୀଘ୍ର ନିଜର ସମ୍ପତ୍ତି ହରାଇ ଥାଆନ୍ତି । ଚାଣକ୍ୟଙ୍କ ଅନୁସାରେ ଟଙ୍କା କେବଳ ସେମାନଙ୍କ ପାଇଁ ରହିଥାଏ ଯେଉଁମାନେ ଉଦାର, ଜ୍ଞାନୀ ଏବଂ ସାମାଜିକ ସଚେତନ । ଅତ୍ୟଧିକ ଲୋଭୀ ଲୋକମାନେ ଅଯଥା ନିବେଶ କରନ୍ତି ଏବଂ ଶୀଘ୍ର ଟଙ୍କା ହରାଇ ଦିଅନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଧୈର୍ଯ୍ୟର ସହିତ ସେମାନଙ୍କର ସମ୍ବଳ ବୃଦ୍ଧି କରନ୍ତି ଏବଂ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତି ସେମାନେ ଦୀର୍ଘକାଳୀନ ଭାବରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି ପାଆନ୍ତି । ଚାଣକ୍ୟ କହିଛନ୍ତି, ଯେଉଁ ଲୋକମାନଙ୍କର ଅତ୍ୟଧିକ ଭୟ, ଈର୍ଷା ଏବଂ ଚିନ୍ତା ଥାଏ ସେମାନଙ୍କର ଟଙ୍କା ମଧ ସ୍ଥାୟୀ ହୁଏ ନାହିଁ । ମାନସିକ ଅଶାନ୍ତି ସେମାନଙ୍କୁ ବୁଦ୍ଧିମାନ ନିଷ୍ପତ୍ତି ନେବାରୁ ବାଧା ଦିଏ ଏବଂ ପ୍ରାୟତଃ ସୁଯୋଗ ହରାଇବାକୁ ପଡ଼େ ।

ଧନ କେବଳ ସକ୍ଷମ, ଶୃଙ୍ଖଳିତ ଏବଂ ଜ୍ଞାନୀ ଲୋକଙ୍କ ପାଇଁ ରହିଥାଏ । ତେଣୁ ଆଳସ୍ୟ, ଲୋଭ ଏବଂ ସ୍ୱାର୍ଥପରତା ପରିହାର କରନ୍ତୁ, ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ ।




# ଏସବୁ ପତ୍ରକୁ ଖାଲି ପେଟରେ ଖାଇଲେ ଯିବାକୁ ପଡ଼ିବନି ମେଡିକାଲ: ସୁସ୍ଥ ରହିବ ହାର୍ଟ



ଖାଲିପେଟରେ ଖାଇଲେ ପାଚନକ୍ରିୟା ସକ୍ରିୟ ହୋଇଥାଏ । ଭୁର୍ସଙ୍ଗ ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ହାର୍ଟ ଭଲ ରହିଥାଏ ବୋଲି ବିଶ୍ୱାସ କରାଯାଏ ।  ଜୁଆଣି ପତ୍ରକୁ ବି ଖାଲିପେଟରେ ଚୋବେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଉପକାରୀ ହୋଇଥାଏ । ମୁଖ୍ୟତଃ ପେଟ ଜନିତ ସମସ୍ୟାରୁ ଏହା ମୁକ୍ତି ଦିଏ । ଜାମୁକୋଳି ପତ୍ରକୁ ଖାଲିପେଟରେ ଚୋବେଇ ଖାଇଲେ ସୁଗାର ନିୟନ୍ତ୍ରଣରେ ରହିଥାଏ ବୋଲି ବିଶ୍ୱାସ କରାଯାଏ । ଖାଲିପେଟରେ ପାନ ଖାଇଲେ ମୁଖ ଦୁର୍ଗନ୍ଧ ଦୂର ହେବା ସହ ପାଚନ କ୍ରିୟା ଠିକ୍ ହୋଇଥାଏ । ସେହିପରି ଖାଲିପେଟରେ ଧନିଆ ପତ୍ରରୁ କିଛି ଚୋବେଇ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଭୋକ ହୋଇଥାଏ । ତା'ଛଡ଼ା ବିଭିନ୍ନ ପ୍ରକାରର ସ୍କିନ୍ ଇନ୍‌ଫେକ୍ସନରୁ ବି ଏହା ରକ୍ଷା କରିଥାଏ ।


ଏମିତି ବି କିଛି ଗୁଣକାରୀ ପତ୍ର ରହିଛି; ଯାହାକୁ ଖାଲିପେଟରେ ଚୋବେଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିଥାଏ । ଯେମିତିକ, ଖାଲିପେଟରେ କିଛି ନିମପତ୍ରକୁ ଚୋବେଇ ଖାଇଲେ ଏହା କୃମି ସମସ୍ୟା ଦୂର କରିବା ସହ ଚର୍ମଜନିତ ରୋଗକୁ କିଛିକାଂଶରେ ମୁକ୍ତି ଦେଇଥାଏ । ଖାଲିପେଟରେ ତୁଳସୀ ପତ୍ର ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ପୁଦିନା ପତ୍ରରୁ କିଛି



# ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର

କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ । କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି । ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି । ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ ।

ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ । ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ । ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି



ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଜାଣନ୍ତି କି ଗୋଟିଏ ଘଣ୍ଟାରେ ହାର୍ଟରେ କେତେଥର ହୁଏ ସ୍ପନ୍ଦନ...

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍ । ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିବା ଯାଏ କାର୍ଯ୍ୟ କରୁଥାଏ । ହୃତ୍ ?ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ । ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ । ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ । ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ । ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ । ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ । ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ । ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ । ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ । ରକ୍ତଚାପ ବୃଦ୍ଧି ହେଲେ ଏହା ମଧ ଅସୁବିଧା ହୋଇଥାଏ । ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ । ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ ।

# ସାମାଜିକ ଗଣମାଧ୍ୟମ ଉପରେ କଟକଣା: ସମାଧାନ ନା ନୂଆ ସମସ୍ୟା ?

ନିକଟରେ ଅଷ୍ଟ୍ରେଲିଆ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ୍ ମିଡିଆକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ଏକ ଐତିହାସିକ ଆଇନ ପ୍ରଣୟନ କରିଛନ୍ତି, ଯାହା ୨୦୨୫ ମସିହା ଡିସେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି । ଏହି ଆଇନ ଅନୁଯାୟୀ ଯେଉଁ ଟେକ୍ କମ୍ପାନୀଗୁଡିକ ୧୬ ବର୍ଷରୁ କମ୍ ବୟସର ପିଲାଙ୍କୁ ଆକାଉଣ୍ଟ ଖୋଲିବାରୁ ଅଟକାଇବାରେ ବିଫଳ ହେବେ, ସେମାନଙ୍କୁ ପ୍ରାୟ ୫୪ ନିୟୁତ ଅଷ୍ଟ୍ରେଲିଆନ୍ ଡଲାର ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ। ସେହିପରି ଆମେରିକାର ଫ୍ଲୋରିଡା ପ୍ରଦେଶ ଏବଂ ଡେନମାର୍କ, ନରୱେ ଭଳି ଦେଶ ମଧ୍ୟ ନିଜର କିଶୋରମାନଙ୍କୁ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ରକ୍ଷା କରିବା ପାଇଁ ଅନୁରୂପ ପଦକ୍ଷେପ ନେଉଛନ୍ତି । ରାଜନେତା ଏବଂ ନୀତି ନିର୍ଦ୍ଧାରକମାନେ ଦୃଢ଼ ଭାବରେ ବିଶ୍ୱାସ କରନ୍ତି ଯେ ଏହିଭଳି କଠୋର ନିଷେଧାଦେଶ ଦ୍ୱାରା ପିଲାମାନଙ୍କ ମଧ୍ୟରେ ଦ୍ରୁତ ଗତିରେ ବଢୁଥିବା ଉଦ୍ବେଗ, ଅବସାଦ ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ । ତେବେ ବୈଜ୍ଞାନିକ, ସମାଜବିଜ୍ଞାନୀ ଏବଂ ମନୋବିଜ୍ଞାନୀମାନେ ଏହି ପଦକ୍ଷେପର କାର୍ଯ୍ୟକାରିତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଏକ ସମ୍ପୂର୍ଣ୍ଣ ନିଷେଧାଦେଶ ପ୍ରକୃତରେ ସମସ୍ୟାର ମୂଳ କାରଣକୁ ସମାଧାନ କରେ ନାହିଁ, ବରଂ ଏହା ପିଲାମାନଙ୍କୁ ଆଗାମୀ ଦୁନିଆର ବାସ୍ତବତା ପାଇଁ ସମ୍ପୂର୍ଣ୍ଣ ରୂପେ ଅପ୍ରସ୍ତୁତ କରିଦିଏ। ଏହି ପରିପ୍ରେକ୍ଷୀରେ ସୋସିଆଲ୍ ମିଡିଆ ନିଷେଧାଦେଶ ପଛରେ ଥିବା ବିଜ୍ଞାନ ଏବଂ ଏହା କାହିଁକି ବାସ୍ତବ କ୍ଷେତ୍ରରେ ବିଫଳ ହୁଏ, ତାହାର ଏକ ବିସ୍ତୃତ ତଥ୍ୟଭିତ୍ତିକ ବିଶ୍ଳେଷଣ କରିବା ଆବଶ୍ୟକ ।

ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ସରକାରମାନେ କାହିଁକି ଏହିଭଳି କଠୋର ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି ଏବଂ ଏହା ପଛରେ କେଉଁ ବିଜ୍ଞାନ ରହିଛି । ଏହି ନିଷ୍ପତ୍ତି ମୁଖ୍ୟତଃ ସ୍ନାୟୁବିଜ୍ଞାନ ବା ନ୍ୟୁରୋସାଇନ୍ସର କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଧାରିତ। ମାନବ ମସ୍ତିଷ୍କର ବିକାଶ ପ୍ରକ୍ରିୟାରେ 'ରିୱାର୍ଡ ସର୍କିଟ୍' ବା ଆନନ୍ଦ ଅନୁଭବ କରୁଥିବା ବିଭାଗଟି ଅତି ଶୀଘ୍ର ବିକଶିତ ହୋଇଯାଏ । କିନ୍ତୁ ମସ୍ତିଷ୍କର ଯେଉଁ ଅଂଶଟି ଆମର ଆବେଗକୁ ନିୟନ୍ତ୍ରଣ କରେ ଏବଂ ଉଚିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ, ଯାହାକୁ ବିଜ୍ଞାନ ଭାଷାରେ ପ୍ରିଫ୍ରଣ୍ଟାଲ୍ କର୍ଟେକ୍ସ କୁହାଯାଏ, ତାହା ସମ୍ପୂର୍ଣ୍ଣ ରୂପେ ବିକଶିତ ହେବା ପାଇଁ ଜଣେ ବ୍ୟକ୍ତିଙ୍କୁ ୨୦ ରୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ସମୟ ଲାଗିଥାଏ । ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡିକର ଆଲଗୋରିଦମ୍ ଏପରି ଚତୁରତାର ସହ ଡିଜାଇନ୍ କରାଯାଇଛି ଯେ ତାହା କିଶୋରମାନଙ୍କ ମସ୍ତିଷ୍କର ଏହି ରିୱାର୍ଡ ସର୍କିଟ୍‌କୁ ବାରମ୍ବାର ଉତ୍ତେଜିତ କରିଥାଏ । ଫେସବୁକ୍, ଇନଷ୍ଟାଗ୍ରାମ୍ କିମ୍ବା ଟିକଟକ୍ ରେ ଗୋଟିଏ 'ଲାଇକ୍', 'ସେୟାର' ବା 'କମେଣ୍ଟ' ମିଳିଲେ ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ ରାସାୟନିକ ପଦାର୍ଥ କ୍ଷରିତ ହୁଏ, ଯାହା ପିଲାମାନଙ୍କୁ ଆହୁରି ଅଧିକ ସମୟ ମୋବାଇଲ୍ ସ୍କ୍ରିନ୍ ସାମ୍ନାରେ ବିତାଇବାକୁ ବାଧ୍ୟ କରେ । ଏହା ଏକ ପ୍ରକାର ନିଶା ଭଳି କାମ କରେ । ନୀତି ନିର୍ଦ୍ଧାରକମାନେ ଯୁକ୍ତି କରନ୍ତି ଯେ ଯେହେତୁ କିଶୋରମାନଙ୍କର ନିଜକୁ ନିୟନ୍ତ୍ରଣ କରିବାର କ୍ଷମତା ପରିପକ୍ୱ ହୋଇନଥାଏ, ତେଣୁ ସେମାନଙ୍କୁ ଏହି ଲାଭଖୋର ବୈଷୟିକ ଜାଲରୁ ରକ୍ଷା କରିବା ପାଇଁ ଆଇନଗତ କଟକଣା ହିଁ ଏକମାତ୍ର ବିକଳ୍ପ ଅଟେ ।

ଯଦିଓ ଉପରୋକ୍ତ ଯୁକ୍ତିଟି ସାଧାରଣ ଲୋକଙ୍କୁ ଠିକ୍ ଲାଗେ, କିନ୍ତୁ ଆଚରଣଗତ ବିଜ୍ଞାନ (ବିହେଭିଅରାଲ୍ ସାଇନ୍ସ) ଏବଂ ବାସ୍ତବ ତଥ୍ୟ ଏକ ସମ୍ପୂର୍ଣ୍ଣ ଭିନ୍ନ କାହାଣୀ ବୟାନ କରେ । ନିକଟରେ ନ୍ୟାସନାଲ୍ ବ୍ୟୁରୋ ଅଫ୍ ଇକୋନୋମିକ୍ ରିସର୍ଚ୍ଚ ଦ୍ୱାରା ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲିଆରେ ନିଷେଧାଦେଶ ଲାଗୁ ହେବାର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ପ୍ରାୟ ୭୫ ପ୍ରତିଶତ ୧୪ ରୁ ୧୫ ବର୍ଷ ବୟସର ପିଲା ଏହି ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି । ସେମାନେ ଭିପିଏନ୍, ନକଲି ଜନ୍ମ ତାରିଖ ପ୍ରଦାନ ଏବଂ ଅନ୍ୟାନ୍ୟ ସାଧାରଣ ବୈଷୟିକ କୌଶଳ ବ୍ୟବହାର କରି ସୋସିଆଲ୍ ମିଡିଆ ବ୍ୟବହାର ଜାରି ରଖିଛନ୍ତି । ଏହା ପ୍ରମାଣ କରେ ଯେ ନିଷେଧାଦେଶ କେବଳ ଏକ ଲିକ୍ ହେଉଥିବା ଛାତ ସଦୃଶ, ଯାହା ବର୍ଷା ଜଳକୁ ଅଟକାଇବାରେ ସମ୍ପୂର୍ଣ୍ଣ ଅସମର୍ଥ । ଯେତେବେଳେ କୌଣସି ଜିନିଷକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଏ, ସେତେବେଳେ କିଶୋରମାନଙ୍କ ମନରେ ତାହା ପ୍ରତି ଅଧିକ ଆକର୍ଷଣ ସୃଷ୍ଟି ହୁଏ । ଏହାକୁ ମନୋବିଜ୍ଞାନରେ 'ଫରବିଡେନ୍ ଫ୍ରୁଟ୍ ଇଫେକ୍ଟ' ବା ନିଷିଦ୍ଧ ଫଳର ଆକର୍ଷଣ କୁହାଯାଏ । ଏହି କଟକଣା ଫଳରେ ପିଲାମାନେ ଲୁଚିଛପି ଇଣ୍ଟରନେଟର ଅଧିକ ବିପଜ୍ଜନକ ଏବଂ ଅନ୍ଧକାରମୟ ଦିଗ ଆଡକୁ ଆକର୍ଷିତ ହେବାର ଆଶଙ୍କା ରହିଛି, ଯେଉଁଠାରେ ପିତାମାତା କିମ୍ବା ଆଇନର କୌଣସି ନିୟନ୍ତ୍ରଣ ନଥାଏ । ଅଧିକନ୍ତୁ, ଏହି ଆଇନକୁ ମାନୁଥିବା ଅଳ୍ପ ସଂଖ୍ୟକ ପିଲାମାନେ ନିଜ ସାଙ୍ଗସାଥୀଙ୍କ ମହଲରେ ନିଜକୁ ଏକାକୀ ଏବଂ ସାମାଜିକ ସ୍ତରରେ ବିଚ୍ଛିନ୍ନ ଅନୁଭବ କରୁଛନ୍ତି ।

ମାନସିକ ସ୍ୱାସ୍ଥ୍ୟ ଉପରେ ସୋସିଆଲ୍ ମିଡିଆର ପ୍ରଭାବକୁ ନେଇ ମଧ୍ୟ ବୈଜ୍ଞାନିକମାନଙ୍କ ମଧ୍ୟରେ ଗଭୀର ମତଭେଦ ରହିଛି । ଜୋନାଥନ୍ ହାଇଡ୍ଟଙ୍କ ଭଳି ଲୋକପ୍ରିୟ ଲେଖକମାନେ ସୋସିଆଲ୍ ମିଡିଆକୁ ଯୁବପିଢ଼ିଙ୍କ ମାନସିକ ରୋଗର ମୁଖ୍ୟ କାରଣ ବୋଲି ଦର୍ଶାଉଥିବା ବେଳେ, କ୍ୟାଣ୍ଡିସ୍ ଓଡଗର୍ସଙ୍କ ଭଳି ବିଶିଷ୍ଟ ବିକାଶମୂଳକ ମନୋବିଜ୍ଞାନୀମାନେ ଏହି ତତ୍ତ୍ୱକୁ ଦୃଢ଼ତାର ସହ ଖଣ୍ଡନ କରିଛନ୍ତି । ଓଡଗର୍ସଙ୍କ ମତରେ, ଦୀର୍ଘ ୨୫ ବର୍ଷର ତଥ୍ୟ ବିଶ୍ଳେଷଣ କଲେ ଜଣାପଡେ ଯେ କିଶୋରମାନଙ୍କ ମଧ୍ୟରେ ହିଂସା, ମଦ୍ୟପାନ ଏବଂ ବାଲ୍ୟ ଗର୍ଭଧାରଣ ଭଳି ସମସ୍ୟା ଏବେ ଐତିହାସିକ ସ୍ତରରେ ସର୍ବନିମ୍ନ ରହିଛି । ତେଣୁ ସ୍ମାର୍ଟଫୋନ୍ ଏକ ସମ୍ପୂର୍ଣ୍ଣ ପିଢ଼ିକୁ ନଷ୍ଟ କରିଦେଉଛି ବୋଲି କହିବା ଭୁଲ୍ ହେବ । ନେଦରଲ୍ୟାଣ୍ଡରେ ହୋଇଥିବା ଏକ ସାମ୍ପ୍ରତିକ ଗବେଷଣାରୁ ଜଣାପଡିଛି ଯେ ୯୨ ପ୍ରତିଶତ କିଶୋର ସୋସିଆଲ୍ ମିଡିଆ ବ୍ୟବହାର କରିବା ସମୟରେ ନିଜ ମାନସିକ ସ୍ୱାସ୍ଥ୍ୟକୁ ନେଇ ଏକ ସକାରାତ୍ମକ କିମ୍ବା ସାଧାରଣ ଅନୁଭବ କରିଥାନ୍ତି । କେବଳ ୮ ପ୍ରତିଶତ ପିଲା ଏହା ଦ୍ୱାରା ନକାରାତ୍ମକ ଭାବେ ପ୍ରଭାବିତ ହୁଅନ୍ତି। ତେଣୁ ସେହି ଅଳ୍ପ ସଂଖ୍ୟକ ପିଲାଙ୍କ ସମସ୍ୟାକୁ ଆଳ କରି ସମସ୍ତଙ୍କ ଉପରେ କଟକଣା ଲଗାଇବା କଦାପି ଏକ ବିଜ୍ଞାନସମ୍ମତ ନିଷ୍ପତ୍ତି ନୁହେଁ । ଯଦି ଆମେ ସବୁ ଦୋଷ କେବଳ ସୋସିଆଲ୍ ମିଡିଆ ଉପରେ ଲଦିଦେବା, ତେବେ ପିଲାମାନଙ୍କର ଅନ୍ୟାନ୍ୟ ପ୍ରକୃତ ସମସ୍ୟା ଯେପରିକି ସୁରକ୍ଷିତ ଖେଳପଡିଆର ଅଭାବ, ପାଠପଢାର ଅତ୍ୟଧିକ ଚାପ, ଆର୍ଥିକ ଅସ୍ଥିରତା ଏବଂ ପାରିବାରିକ ସମସ୍ୟା ପ୍ରତି ଆମେ ଆଖି ବୁଜିଦେବା ଭଳି ହେବ ।

ଷ୍ଟାନଫୋର୍ଡ ସୋସିଆଲ୍ ମିଡିଆ ଲ୍ୟାବର ପ୍ରତିଷ୍ଠାତା ତଥା ମନୋବିଜ୍ଞାନୀ ଜେଫ୍ ହାନ୍?କକ୍?ଙ୍କ ଅନୁଯାୟୀ, କିଶୋରମାନଙ୍କ ପାଇଁ ସୋସିଆଲ୍ ମିଡିଆ କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ସେମାନଙ୍କର ସାମାଜିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି । ପିଲାମାନେ ଏହା ମାଧ୍ୟମରେ ନିଜ ସାଙ୍ଗମାନଙ୍କ ସହ ଯୋଡି ହୋଇ ରହନ୍ତି, ବିଭିନ୍ନ ଶିକ୍ଷଣୀୟ ଗୋଷ୍ଠୀରେ ସାମିଲ ହୁଅନ୍ତି, ନିଜର ଛୋଟ ବ୍ୟବସାୟ ଆରମ୍ଭ କରନ୍ତି ଏବଂ ଦୂରରେ ଥିବା ଆତ୍ମୀୟସ୍ୱଜନଙ୍କ ସହ ସମ୍ପର୍କ ବଜାୟ ରଖନ୍ତି । ଏହାକୁ ହଠାତ୍ ବନ୍ଦ କରିଦେବା ଦ୍ୱାରା ସେମାନେ ସାମାଜିକ ସ୍ତରରେ ବିଚ୍ଛିନ୍ନ ଅନୁଭବ କରିପାରନ୍ତି । ଗୋଟିଏ ୧୬ ବର୍ଷର ଝିଅର ପ୍ରତିକ୍ରିୟା ଏଠାରେ ବିଶେଷ ପ୍ରଣିଧାନଯୋଗ୍ୟ। ସେ କହେ ଯେ, 'ଏହି ନିଷେଧାଦେଶ ଆମକୁ ବାସ୍ତବ ଦୁନିଆ ପାଇଁ ପ୍ରସ୍ତୁତ କରେ ନାହିଁ, କାରଣ ବଡ଼ ହେବା ପରେ ଆମକୁ ଏହି ଡିଜିଟାଲ୍ ଦୁନିଆରେ ହିଁ କାମ କରିବାକୁ ପଡିବ ଏବଂ ଏହି ସବୁ ସହ ମୁକାବିଲା କରିବାକୁ ପଡିବ ।' ଏହି କଥାଟି ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ପିଲାମାନଙ୍କୁ ସନ୍ତରଣ ଶିଖାଇବାକୁ ହେଲେ ସେମାନଙ୍କୁ ପାଣିରୁ ଦୂରେଇ ରଖିଲେ ଚଳିବ ନାହିଁ, ବରଂ ପାଣିରେ କିପରି ସୁରକ୍ଷିତ ଭାବେ ପହଁରିବେ ତାହା ଶିଖାଇବା ଆବଶ୍ୟକ । ସେହିପରି ଡିଜିଟାଲ୍ ସାକ୍ଷରତା ଏବଂ ସ୍ୱୟଂ ନିୟନ୍ତ୍ରଣ ଶିଖାଇବା ହେଉଛି ପ୍ରକୃତ ସମାଧାନ । ସମ୍ପୂର୍ଣ୍ଣ ବାରଣ କରିବା ଦ୍ୱାରା ପିଲାମାନେ ନିଜକୁ କିପରି ନିୟନ୍ତ୍ରଣ କରିବେ, ସେହି ଅମୂଲ୍ୟ ଦକ୍ଷତା ହାସଲ କରିବାରୁ ବଞ୍ଚିତ ହୁଅନ୍ତି ।

ତେବେ ପ୍ରଶ୍ନ ଉଠୁଛି, ଯଦି ନିଷେଧାଦେଶ କାମ କରୁନାହିଁ, ତେବେ ଏହାର ବିକଳ୍ପ କଣ ହେବା ଉଚିତ୍ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ପିଲାମାନଙ୍କ ଉପରେ କଟକଣା ଲଗାଇବା ପରିବର୍ତ୍ତେ ସୋସିଆଲ୍ ମିଡିଆ କମ୍ପାନୀଗୁଡିକ ଉପରେ କଠୋର ଆଇନ ଲାଗୁ କରାଯିବା ଉଚିତ୍ । ବୈଷୟିକ କମ୍ପାନୀଗୁଡିକର ଢାଞ୍ଚାଗତ ପରିବର୍ତ୍ତନ ନିତ୍ୟାନ୍ତ ଆବଶ୍ୟକ । ଉଦାହରଣ ସ୍ୱରୂପ, 'ଇନ୍‌ଫାଇନାଇଟ୍ ସ୍କ୍ରୋଲିଂ' ବା ଅସୀମିତ ସ୍କ୍ରୋଲିଂ ବ୍ୟବସ୍ଥାକୁ ବନ୍ଦ କରିବା, ପିଲାମାନଙ୍କର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା, ଏବଂ ଟାର୍ଗେଟେଡ୍ ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ପ୍ରଭାବିତ କରିବା ବନ୍ଦ କରିବା ଉପରେ ସରକାର ଦୃଷ୍ଟି ଦେବା ଉଚିତ୍ । ଏହା ସହିତ ପ୍ଲାଟଫର୍ମଗୁଡିକର ଆଲଗୋରିଦମ୍ କିପରି କାମ କରୁଛି, ତାହାର ସ୍ୱଚ୍ଛତା ରହିବା ଦରକାର । ପିତାମାତାମାନେ ମଧ୍ୟ ନିଜ ପିଲାମାନଙ୍କ ସହ ସୋସିଆଲ୍ ମିଡିଆର ବ୍ୟବହାର ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିବା ଆବଶ୍ୟକ । କେବଳ ମୋବାଇଲ୍ ଛଡାଇ ନେଲେ ହେବ ନାହିଁ, ବରଂ ପିଲାଙ୍କ ଚାରିପାଖରେ ଥିବା ପରିବେଶକୁ ସୁଧାରିବା ପାଇଁ ସାମୂହିକ ଉଦ୍ୟମ ହେବା ଉଚିତ୍ । ସେମାନଙ୍କୁ ବାହାରେ ଖେଳିବା ପାଇଁ ସୁଯୋଗ ଦେବା, କଳା ଓ ସାହିତ୍ୟ ଭଳି ସୃଜନଶୀଳ କାର୍ଯ୍ୟରେ ନିୟୋଜିତ କରିବା ଏବଂ ଗୁଣାତ୍ମକ ପାରିବାରିକ ସମୟ ବିତାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଆଇନଗତ ନିଷେଧାଦେଶ ଅପେକ୍ଷା ସାମାଜିକ ସଚେତନତା ଅଧିକ ଫଳପ୍ରଦ ହୋଇଥାଏ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇବା ହୁଏତ ରାଜନୈତିକ ଦୃଷ୍ଟିକୋଣରୁ ଏକ ଲୋକପ୍ରିୟ ପଦକ୍ଷେପ ହୋଇପାରେ, କିନ୍ତୁ ବୈଜ୍ଞାନିକ ତଥ୍ୟ ଏବଂ ମନୋବିଜ୍ଞାନ ଆଧାରରେ ଏହା ଏକ ବିଫଳ ଏବଂ ତ୍ରୁଟିପୂର୍ଣ୍ଣ ରଣନୀତି ଅଟେ । ଆମେ କେବଳ ଆଇନ ବଳରେ ଏକ ବିଶାଳ ଯୁବ ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସମାଧାନ କରିପାରିବା ନାହିଁ। ଏକ ସମସ୍ୟାକୁ ଦବାଇଦେଲେ ବା ଲୁଚାଇଦେଲେ ତାହା ସମାଧାନ ହୋଇଯାଏ ନାହିଁ, ବରଂ ତାହା ଅନ୍ୟ ରୂପରେ ମୁଣ୍ଡ ଟେକେ । ଆମକୁ ଏହି ନିଷ୍ଠୁର ବାସ୍ତବିକତାକୁ ଗ୍ରହଣ କରିବାକୁ ପଡିବ ଯେ ଡିଜିଟାଲ୍ ଦୁନିଆ ଆମ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି । ତେଣୁ ପିଲାମାନଙ୍କୁ ଏହି ଦୁନିଆରୁ ସମ୍ପୂର୍ଣ୍ଣ ବାଦ୍ ଦେବା ପରିବର୍ତ୍ତେ, ସେମାନଙ୍କୁ ଏକ ସୁରକ୍ଷିତ ଏବଂ ସୁସ୍ଥ ଡିଜିଟାଲ୍ ପରିବେଶ ଯୋଗାଇଦେବା ସହିତ ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ କରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ଅଟେ । ସ୍ୱୟଂ ନିୟନ୍ତ୍ରଣ ଏବଂ ସଠିକ୍ ଶିକ୍ଷା ହିଁ ଆଗାମୀ ପିଢ଼ିକୁ ଏହି ବୈଷୟିକ ଯୁଗରେ ସୁରକ୍ଷିତ ରଖିପାରିବ ।

ଧ୍ୱନି ପ୍ରତିଧ୍ୱନି

# ମଙ୍ଗଳମୟ ଶିବଙ୍କ ଉପାସନା ରହସ୍ୟ



**ଡକ୍ଟର ଲକ୍ଷ୍ମଣ ସାହୁ**



ଭାରତୀୟ ସଂସ୍କୃତିର ଆତ୍ମାରେ ଯଦି କୌଣସି ଦେବତାଙ୍କ ଉପସ୍ଥିତି ସବୁଠାରୁ ଗଭୀର ଭାବରେ ଅନୁଭୂତ ହୁଏ, ତେବେ ସେ ନିଃସନ୍ଦେହରେ ମହାଦେବ ଶିବ । ତାଙ୍କର ରୂପ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୃଷ୍ଟିର ଯାତ୍ରା, ସୃଷ୍ଟିରୁ ବିନାଶ ପର୍ଯ୍ୟନ୍ତ ସମନ୍ୱୟ। ଶିବଙ୍କ ନାମରେ ପ୍ରେମ ଓ ନିରପେକ୍ଷତାର ଅଦ୍ଭୁତ ମିଶ୍ରଣ ଓ ଭକ୍ତ ଭକ୍ତିର ସରଳତା ଘେରି ରହିଛି । ଯାହାଙ୍କ ନାମ କେବଳ ଧ୍ୟାନର ଗଭୀରତାକୁ ଉନ୍ମୋଚନ କରେ । ଶ୍ରାବଣ ମାସରେ ଶିବରାତ୍ରି ପର୍ବ ଅଗଣିତ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଜାଗରଣ ହୋଇଯାଏ । ଏହି ପର୍ବ କେବଳ ଭାରତୀୟମାନଙ୍କୁ ଆଧ୍ୟାତ୍ମିକ ଭାବରେ ସଂଯୋଗ କରେ ନାହିଁ, ବରଂ ଆମର ସାଂସ୍କୃତିକ ପରମ୍ପରା, ଲୋକ ଜୀବନ, ଏକତା ଓ ଜାତୀୟ ଭାବନାକୁ ମଧ୍ୟ ସୁଦୃଢ଼ କରେ । ଏହା କେବଳ ଏକ ଧାର୍ମିକ ରୀତି ନୁହେଁ ବରଂ ସମଗ୍ର ବ୍ୟକ୍ତି । ସମାଜ ଓ ଜାତିର ଉଜ୍ଜ୍ୱଳ ଭବିଷ୍ୟତର କାମନା, କରୁଣା, ଭକ୍ତି ତଥା ଦିବ୍ୟତାର ପ୍ରତିଜ୍ଞା ଅଟେ।

ଅନାଦି କାଳରୁ ଶିବରାତ୍ରିର ମହତ୍ତ୍ୱ ଭାରତୀୟ ମାନସିକତାରେ ଗଭୀର ଭାବରେ ସ୍ଥାପିତ ହୋଇ ରହିଛି । ଯଦିଓ ମାସିକ ଶିବରାତ୍ରି ପ୍ରତ୍ୟେକ ମାସର କୃଷ୍ଣ ପକ୍ଷ (ଅନ୍ଧକାର ପକ୍ଷ)ର ଚତୁର୍ଦ୍ଦଶୀରେ ପାଳିତ ହୁଏ, ଫାଲଗୁନ ମାସରେ ମହାଶିବରାତ୍ରି ଓ ଶାବଣ ମାସରେ ଶିବରାତ୍ରିର ମହତ୍ତ୍ୱ ଅତୁଳନୀୟ । ଶ୍ରାବଣ ଶିବରାତ୍ରି ତିଥି ସମ୍ପର୍କରେ ସାଧାରଣ ବିଶ୍ୱାସ ରହିଛି ଯେ ଏହି ରାତି ହେଉଛି ସେହି ରାତିରେ ଯେତେବେଳେ ଶିବ ଓ ଶକ୍ତିର ରହସ୍ୟ, ଆଲୋକ ଓ ଛାୟାର ସଙ୍ଗମ ଓ ବିଶ୍ୱ ଶକ୍ତିର ଅଶେଷ ପ୍ରବାହ ଶୀର୍ଷରେ ପହଞ୍ଚିଥିଲା । ଏହି କାରଣରୁ ବିଶେଷକରି ଏହି ରାତିର ବ୍ରହ୍ମ ମୁହୂର୍ତ୍ତକୁ ଶିବ ଉପାସନା ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ । ଚଳିତ ବର୍ଷ ପୂର୍ବ ବର୍ଷ ପରି ଏହି ମହାନ ପର୍ବ ଅଗଷ୍ଟମାସରେ ପାଳନ କରାଯାଉଛି ।

ଏହା କେବଳ ଏକ ଧାର୍ମିକ ତିଥି ନୁହେଁ ବରଂ ସମଗ୍ର ଦେଶ ପାଇଁ ଦିବ୍ୟତା ଓ ଭକ୍ତିର ଦୃଢ଼ ପ୍ରତିଜ୍ଞା ନେବାର ଏକ ଅବସର ସମୟ । ଶ୍ରାବଣ ଶିବରାତ୍ରି ହେଉଛି ପ୍ରକୃତି, ମନ ଓ ଶରୀରକୁ ଶୁଦ୍ଧ କରିବାର ଏକ ଉତ୍ସବ। ଏହା ଏପରି ଏକ ଅବସର ଯେତେବେଳେ ସାଧକ ରାତ୍ରି ଜାଗର, ଧ୍ୟାନ, ମନ୍ତ୍ର ଜପ ଓ ରୁଦ୍ରାଭିଷେକ ମାଧ୍ୟମରେ ଆତ୍ମ-ସାକ୍ଷାତ ପାଇଁ ପାଦ ଦିଅନ୍ତି । ମନ୍ଦିରର ଘଣ୍ଟି ବାଜିବା, ରୁଦ୍ରାଷ୍ଟକମ୍ ପାଠ କରିବା ଓ ବେଲ ପତ୍ରର ସୁଗନ୍ଧ ଆଖିକୁ ଏକ ଦିବ୍ୟ ଆଲୋକରେ ପରିପୂର୍ଣ୍ଣ କରିଥାଏ । ଶ୍ରାବଣ ଯାତ୍ରା ବେଳେ ଭକ୍ତ ବହୁତ କଷ୍ଟ ସହ୍ୟ କରିବା ସତ୍ତ୍ୱେ, ଶିବଙ୍କ ପ୍ରେମ ଭକ୍ତିଭୋଳରେ ବୁଡ଼ିଯାଆନ୍ତି; ସେମାନଙ୍କର ସମସ୍ତ କ୍ଳାନ୍ତି, ଯନ୍ତ୍ରଣା ଶିବଙ୍କ ଅପାର କରୁଣାରୁ ଉଭେଇଯାଏ।

ଶ୍ରାବଣ ମାସରେ ଶିବଙ୍କ ପୂଜା କରିବାର ମୌସୁମୀ ଓ ପ୍ରକୃତିର ପୁନର୍ଜୀବନ ସହିତ ଏକ ବିଶେଷ ସମ୍ପର୍କ ରହିଆସିଛି । ଶ୍ରାବଣ ଯାତ୍ରା ଭଳି ପରମ୍ପରାରେ ଲକ୍ଷ ଲକ୍ଷ ଭକ୍ତ ସେମାନଙ୍କର ଗଙ୍ଗା ଜଳକୁ କାନ୍ଧରେ ଧରି ଦୂର ମନ୍ଦିରକୁ ଚାଲି ଚାଲି ଯାଆନ୍ତି। ସେମାନେ ଶିବଙ୍କ ପ୍ରତି ଭାରତର ଅଟଳ ବିଶ୍ୱାସ ଓ ଭକ୍ତିର ଉଦାହରଣ ଦିଅନ୍ତି । ଏହା ସେହି ଅଟଳ ଭକ୍ତିର ପରିଣାମ, ଯାହାର ପୁରସ୍କାର ପୁଣ୍ୟ, କୃପା ଓ ଆତ୍ମକଲ୍ୟାଣର ପ୍ରାପ୍ତିକୁ ବହୁଗୁଣିତ କରେ। ଏହି ବର୍ଷ ସର୍ବାର୍ଥ ସିଦ୍ଧି, ଗଜକେଶରୀ ଓ ନବପଞ୍ଚମ ରାଜଯୋଗ ଭଳି ଦୁର୍ଲଭ ଯୋଗ ଶ୍ରାବଣ ଶିବରାତ୍ରିରେ ସୃଷ୍ଟି ହେଉଛି, ଯାହା ଏହି ପର୍ବର ମହତ୍ତ୍ୱକୁ ଆହୁରି ବୃଦ୍ଧି କରୁଛି ।

କହିବାକୁ ଗଲେ ଶ୍ରାବଣ ମାସରେ କାଉଡ଼ିଆ ମାନଙ୍କଯାତ୍ରା ହେଉଛି ବାସ୍ତବରେ ଭଗବାନ ଶିବଙ୍କ ପ୍ରତି ସେମାନଙ୍କ ଅଟଳ ବିଶ୍ୱାସ, ତପସ୍ୟା ଓ ଭକ୍ତିର ପ୍ରତୀକ । ଏହାର ଆଧ୍ୟାତ୍ମିକ ଗୁରୁତ୍ୱ ସହିତ କାଉଡ଼ିଆଙ୍କ ଯାତ୍ରା ହରିଦ୍ୱାର ଓ ଋଷିକେଶ ତୀର୍ଥସ୍ଥାନ ଭଳି ଓଡ଼ିଶାର ବିଭିନ୍ନ ସ୍ଥାନରେ ଧବଳେଶ୍ୱର, ଲୋକନାଥ, ଲିଙ୍ଗରାଜ , କପିଳାସ ଭଳି ଶୈବପୀଠ ମାନଙ୍କରେ କାଉଡ଼ିଆଙ୍କର ଭିଡ଼ ରହିଛି ।

'ଶିବ' ଶବ୍ଦର ଅର୍ଥ ହେଉଛି ଯିଏ ସମସ୍ତଙ୍କ ପାଇଁ କଲ୍ୟାଣକାରୀ, ଯିଏ ସମସ୍ତ ବିକୃତିର ବାହାରେ, ଯିଏ କେବଳ ସତ୍ୟ, ସାକ୍ଷୀ ଓ ଅନନ୍ତ । ଶିବ ଅର୍ଥ ହେଉଛି ଆଶ୍ରୟଦାତା ଦୁଃଖର ବିନାଶକାରୀ ଓ ଅନ୍ଧାରରେ ମଧ୍ୟରେ ଆଶାର ଆଲୋକ ଦେଖାଇବା । 'ରାତ୍ରି' ଶବ୍ଦର ବ୍ୟୁତ୍ପତ୍ତି ନିଜେ ଏକ ସୁଖଦ, ଆନନ୍ଦଦାୟକ ଭାବନା ବହନ କରେ ଯାହା ବିଶ୍ୱକୁ ଶାନ୍ତି ପ୍ରଦାନ କରେ । ଶିବରାତ୍ରି ଅର୍ଥ ହେଉଛି ଶିବରେ ପରିପୂର୍ଣ୍ଣ ଏକ ରାତି, ଯେତେବେଳେ ପ୍ରତ୍ୟେକ ସାଧକ, ଭକ୍ତ ଓ ଯୋଗୀ, ଆନ୍ତରିକ ମଙ୍ଗଳ ଖୋଜୁଥିବା, ଶିବଙ୍କ ନିକଟରେ ବସି ନିଜ ଆତ୍ମାକୁ ଦିବ୍ୟତା ଓ ଶାନ୍ତି ସହିତ ସଂଯୋଗ କରନ୍ତି।

ଶାସ୍ତ୍ର ଓ ଯୋଗ ସାହିତ୍ୟରେ ଶିବଙ୍କୁ ଆଦି-ଯୋଗୀ, ମହାଯୋଗେଶ୍ୱର ଓ ସମସ୍ତଙ୍କର ଆଦି ଗୁରୁ ଭାବରେ ବର୍ଣ୍ଣନା କରାଯାଇଛି । ଏକ ସମାଧିରେ ବସି ସେ ବିଶ୍ୱକୁ ଧ୍ୟାନ, ଯୋଗ ଓ ଅନାସକ୍ତତାର ବାର୍ତ୍ତା ଦେଇଥିଲେ । ତାଙ୍କର ନଟରାଜ ରୂପ ସୃଷ୍ଟିର ଶକ୍ତିଶାଳୀ ନୃତ୍ୟ, ବିନାଶ ଓ ପୁନଃସୃଷ୍ଟିର ଲୟକୁ ପ୍ରତିଫଳିତ କରେ। ପଶୁପତି ଭାବରେ ସେ ସମସ୍ତ ପ୍ରାଣୀଙ୍କର ପ୍ରଭୁ; ମୃତ୍ୟୁଞ୍ଜୟ ଭାବରେ, ସେ ମୃତ୍ୟୁକୁ ମଧ୍ୟ ଅତିକ୍ରମ କରନ୍ତି । 'ଅର୍ଦ୍ଧନାରୀଶ୍ୱର' ରୂପରେ ସେ ଶିବ ଓ ଶକ୍ତିର ଅନନ୍ୟ ମିଳନର ପ୍ରତୀକ ଅଟନ୍ତି। ଏହି କାରଣରୁ ଶିବଙ୍କ ସହିତ ଜଡିତ ପ୍ରତ୍ୟେକ କାହାଣୀ, ତାହା ମଥୁରାର ବୃନ୍ଦାବନରେ ପ୍ରତିଧ୍ୱନିତ ହେଉ କିମ୍ବା କାଶୀର ଘାଟରେ, ହିମାଳୟ ଶିଖରରେ ଶିବ ସ୍ୱର ହେଉ କିମ୍ବା ଡାକିନି ଯୋଗିନୀମାନଙ୍କ ଜପ ଓ ମଣ୍ଡଧ୍ୟାନ, ସବୁଠି ଶିବଙ୍କ ପ୍ରେମ, କରୁଣା ଓ ଅପାର ଶକ୍ତିକୁ ପ୍ରଦର୍ଶିତ କରେ । ବେଦ ଓ ପୁରାଣରେ ଭଗବାନ ଶିବଙ୍କ ମହିମା ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ବିଷ୍ଣୁ ଓ ବ୍ରହ୍ମାଙ୍କ ସମେତ ସମସ୍ତ ଦେବତା ଶିବଙ୍କ ପ୍ରତି ଶ୍ରଦ୍ଧା ରଖିଛନ୍ତି । କୁହାଯାଏ ଯେ ଭଗବାନ ବିଷ୍ଣୁ ଶିବଙ୍କ ପ୍ରତ୍ୟେକ ପୂଜା ସମୟରେ ୧୦୦୮ଟି କମଳ ଫୁଲ ଅର୍ପଣ କରିବାକୁ ପ୍ରତିଜ୍ଞା କରିଥିଲେ । ଥରେ ଯେତେବେଳେ ଫୁଲ ସଂଖ୍ୟା ହ୍ରାସ ପାଇଲା, ସେ କମଳ ଫୁଲ ବଦଳରେ ତାଙ୍କର ଗୋଟିଏ ଆଖି ଅର୍ପଣ କଲେ । ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ଶିବ ତାଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ମହାମୃତ୍ୟୁଞ୍ଜୟ ମନ୍ତ୍ର, 'ଓମ୍ ତ୍ରୟମ୍ବକମ୍ ଯଜାମହେ...' ପ୍ରଦାନ କରିଥିଲେ । ଏହି ମନ୍ତ୍ର କେବଳ ମୃତ୍ୟୁ ଭୟରୁ ମୁକ୍ତି ପ୍ରଦାନ କରେ ନାହିଁ , ବରଂ ସାଂସାରିକ ବନ୍ଧନ ଭାଙ୍ଗିବା ଓ ଆଧ୍ୟାତ୍ମିକ ସ୍ୱାଧୀନତା ପାଇବାର ଅସାଧାରଣ ଶକ୍ତି ମଧ୍ୟ ରଖିଛି।


ଶିବଙ୍କୁ 'ନୀଳକଣ୍ଠ' ନାମ ମଧ୍ୟ ମିଳିଥିଲା, ଯାହାର ପୌରାଣିକ ଆଧାର ହେଉଛି ସମୁଦ୍ର ମନ୍ଥନର କାହାଣୀ । ଯେତେବେଳେ ରାକ୍ଷସ ଏ ଦେବତାମାନେ ଅମୃତ ପାଇବା ପାଇଁ ସମୁଦ୍ର ମନ୍ଥନ କଲେ, ସେତେବେଳେ ସମୁଦ୍ରରୁ ବିଶ୍ୱ ବିନାଶକାରୀ ବିଷ (ହଳାହଳ) ବାହାରିଲା । ଏହି ବିଷର କ୍ରୋଧ ସମଗ୍ର ବ୍ରହ୍ମାଣ୍ଡ ପାଇଁ ଏକ ସଙ୍କଟ ସୃଷ୍ଟି କଲା ତା'ପରେ ସମଗ୍ର ବିଶ୍ୱ ଶିବଙ୍କ ପାଦ ପାଖକୁ ଆସିଲା । ତାଙ୍କର ଅସୀମ କରୁଣା ଓ ଭକ୍ତିରେ, ଶିବ ମାରାତ୍ମକ ବିଷକୁ ଗ୍ରହଣ କଲେ । ଯାହା ଦ୍ୱାରା ବ୍ରହ୍ମାଣ୍ଡର ସନ୍ତୁଳନ ବଜାୟ ରହେ। ଏହି ମହାଜାଗତିକ ବଳିଦାନର ଫଳସ୍ୱରୂପ, ତାଙ୍କର କଣ୍ଠ ନୀଳ ହୋଇଗଲା, ଓ ତାଙ୍କୁ ନୀଳକଣ୍ଠ ବୋଲି କୁହାଗଲା । ସେ ତାଙ୍କର ଜଟିଳ କେଶରେ ଚନ୍ଦ୍ରକୁ ଧରିଥିଲେ, ତେଣୁ ତାଙ୍କର ନାମ 'ଚନ୍ଦ୍ରଶେଖର' । ଏହି କାହାଣୀ କେବଳ ଅତ୍ୟନ୍ତ କରୁଣା ପ୍ରକାଶ କରେ ନାହିଁ, ବରଂ ସାଂସାରିକ ପ୍ରତିକୂଳତାକୁ ଆତ୍ମସାତ କରିବା ଓ ଜଗତକୁ ଜୀବନ ଦେବାର ଉତ୍କୃଷ୍ଟତାକୁ ମଧ୍ୟ ପ୍ରକାଶ କରେ ।

ଭଗବାନ ଶିବଙ୍କ ରୂପ ଯେତିକି ରହସ୍ୟମୟ, ସେତିକି ଘନିଷ୍ଠ ମଧ୍ୟ । ସେ ଜଣେ ଯୋଗୀ ଓ ଗୃହସ୍ଥ । ସେ ହିମାଳୟ ପର୍ବତମାଳାର ଗୁମ୍ଫାରେ ଧ୍ୟାନରେ ବାସ କରନ୍ତି, ଯେତେବେଳେ ଭୂତ, ଡାକ, ପଶୁ, ପକ୍ଷୀ ଓ ସୀମାନ୍ତ ପ୍ରାଣୀମାନଙ୍କ ସହିତ ସମତା ରକ୍ଷା କରନ୍ତି। ତାଙ୍କ ଶରୀରରେ ସାପ ହାର, ପାଉଁଶ ଲେପ, ନନ୍ଦୀଙ୍କ ବାହନ ଓ ତାଙ୍କ ଗଦା କେଶରେ ପ୍ରବାହିତ ଗଙ୍ଗା ତାଙ୍କୁ ପ୍ରକୃତି ଓ ସୀମାନ୍ତ ସମ୍ପ୍ରଦାୟର ରକ୍ଷାକର୍ତ୍ତା ଭାବରେ ପ୍ରତୀକ କରନ୍ତି । ତାଙ୍କ ଗଳାରେ ବିଷ ପିନ୍ଧି, ସେ ରାକ୍ଷସ ଓ ଦେବତାମାନଙ୍କର ଦ୍ୱନ୍ଦ୍ୱପୂର୍ଣ୍ଣ ଶକ୍ତି ମଧ୍ୟରେ ଏକ ସନ୍ତୁଳନ ସ୍ଥାପନ କଲେ। ଏହି ସନ୍ତୁଳନ ଆଜି ମଧ୍ୟ ତାଙ୍କର ତିନୋଟି ରୂପରେ ଆମକୁ ମାର୍ଗଦର୍ଶନ କରିଆସୁଛି। ବିନାଶକ ରକ୍ଷାକାରୀ ଓ ପୁନର୍ଜୀବକ ଅର୍ଥାତ୍ ସେ ସୃଷ୍ଟି ନାୟକ, ସେ ବିନାଶକ ଓ ସେ ରକ୍ଷକ । ଭାରତୀୟ ପୂଜା ପଦ୍ଧତିରେ ଶିବଙ୍କୁ ସବୁଠାରୁ ଶ୍ରେଷ୍ଠ ଦେବତା ଭାବରେ ଦେବ ଦେବ ମହାଦେବ ରୂପେ ବିବେଚନା କରାଯାଏ। ଅନ୍ୟ ଦେବତାମାନଙ୍କୁ ମହାନ ପୂଜା ସାମଗ୍ରୀ ଆବଶ୍ୟକ ହେଉଥିବା ବେଳେ, ଶିବ ଜଳ, ବେଲ ପତ୍ର, ଗଞ୍ଜେଇ କିମ୍ବା ଧାତୁରା ଭଳି ସରଳ ନୈବେଦ୍ୟରେ ପ୍ରସନ୍ନ ହୁଅନ୍ତି । ଭାରତୀୟ ଲୋକକଥାରେ, ଶିବ ଜଣେ ପ୍ରାଣବନ୍ତ, ସରଳ ଓ ଆଧ୍ୟାତ୍ମିକ ଭାବରେ ଉନ୍ନତ ଦେବତା, ଯାହାଙ୍କୁ ତାଙ୍କର ଦ୍ରୁତ ବୁଦ୍ଧି ଓ ଶୀଘ୍ର ଆଶୀର୍ବାଦ ପ୍ରଦାନକାରୀ ପାଇଁ 'ଭୋଳେନାଥ' ଭାବରେ ମଧ୍ୟ ଜଣାଶୁଣା। ସେ ଭାରତର ଏକତା, ଅଖଣ୍ଡତା ଓ ଶଶ ସଦ୍ଭାବର ଏକ ସାଂସ୍କୃତିକ ପ୍ରତୀକ ମଧ୍ୟ । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଭଗବାନ ଶିବ ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ହଳାହଳ ବିଷକୁ ତାଙ୍କ ଗଳାରେ ପିନ୍ଧିଥିଲେ । ଯାହାଦ୍ୱାରା ସେ ସମୁଦ୍ରର ଉତ୍ତାପକୁ ଥଣ୍ଡା କରିପାରିବେ। ବିଷର ପ୍ରଭାବକୁ କମ କରିବା ପାଇଁ, ଦେବତା ଓ ଶିବ ଭକ୍ତମାନେ ଗଙ୍ଗା ଜଳ ଆଣି ତାଙ୍କୁ ଅର୍ପଣ କରିଥିଲେ । ପୌରାଣିକ କଥା ଅନୁଯାୟୀ, ପ୍ରଥମ କାଉଡ଼ିଆଙ୍କର ଭଗବାନ ପରଶୁରାମ ବୋଲି ବିଶ୍ୱାସ କରାଯାଏ । ସେ ଗର୍ଭମୁକ୍ତେଶ୍ୱରଙ୍କ ଠାରୁ ଗଙ୍ଗା ଜଳ ଆଣି ପୁରା ମହାଦେବରେ ଶିବଲିଙ୍ଗର ଜଳାଭିଷେକ କରିଥିଲେ । କାଉଡ଼ିଆ ଯାତ୍ରା କେବଳ ଏକ ଧାର୍ମିକ ଯାତ୍ରା ନୁହେଁ; ବରଂ ଏହା ଅହଂକାର ତ୍ୟାଗ, ସଂଯମ ଅଭ୍ୟାସ ଓ ଶାରୀରିକ ତଥା ମାନସିକ ତପସ୍ୟା ଅଭ୍ୟାସ କରିବାର ଏକ ମାଧ୍ୟମ । କାଉଡ଼ିଆ ଯାତ୍ରା ଜାତି, ବର୍ଗ ଓ ଲିଙ୍ଗ ଉପରେ ଆଧାରିତ ଭେଦକୁ ଦୂର କରିଦିଏ । ଏହି ତୀର୍ଥଯାତ୍ରା ଏକ ସମତାବାଦୀ ସମାଜର ସର୍ବୋତ୍ତମ ପ୍ରତୀକ ପାଲଟିଛି।

ଆମକୁ କେବଳ ଶୃଙ୍ଖଳା ଓ ସଂଯମତା ଶାରୀରିକ ଭାବରେ ସୁସ୍ଥ ରଖେ ନାହିଁ, ବରଂ ଆମ ମନକୁ ମଧ୍ୟ ସୁସ୍ଥ ଓ ସକ୍ରିୟ ରଖେ । ଶାଶ୍ୱତ ସ୍ୱାତ୍ତ୍ୱିକ ଖାଦ୍ୟ ଆମ ମନ ଓ ଚିନ୍ତାଧାରା ସହିତ ଜଡିତ । ଜୈନ ଧର୍ମ ଓ ବୌଦ୍ଧ ଧର୍ମରେ ମଧ୍ୟ ଚାତୁର୍ମାର ବିଶେଷ ଗୁରୁତ୍ୱ ଅଛି । ବର୍ଷା ଋତୁରେ ସୃଷ୍ଟି ହେଉଥିବା କୀଟପତଙ୍ଗ ଓ ଅନ୍ୟାନ୍ୟ ପ୍ରାଣୀଙ୍କ କ୍ଷତି ଏଡାଇବା ପାଇଁ, ଜୈନ ଭିକ୍ଷୁମାନେ ସେମାନଙ୍କର ଭ୍ରମଣକୁ ବିରାମ ଦେଇ ଆତ୍ମ-ଅଧ୍ୟୟନ ଓ ଆଧ୍ୟାତ୍ମିକ ଆଲୋଚନା ପାଇଁ ଗୋଟିଏ ସ୍ଥାନରେ ରୁହନ୍ତି...!!!

ଅଧ୍ୟକ୍ଷ ଓ ଓଡ଼ିଆ
ଭାଷା ସାହିତ୍ୟ ବିଭାଗ ମୁଖ୍ୟ,
ମହାନଦୀ ବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ,
କଟକ -୪ .
ମୋ: ୯୦୪୦ ୧୫୧୪୭୫

# ସତରେ କଣ ଆମ ରାଜ୍ୟ ନିଶାମୁକ୍ତ ହୋଇ ପାରିବ ?




**ସୁବ୍ରତ କର**

ଆମ ଦେଶରେ ଚାରି ରାଜ୍ୟ ନିଶାମୁକ୍ତ ରାଜ୍ୟ ଭାବରେ ପରିଚୟ ଲାଭ କରିଛନ୍ତି । ସେମାନେ ହେଲେ ଗୁଜରାଟ, ବିହାର, ନାଗାଲାଣ୍ଡ ଏବଂ ମିଜୋରାମ । ସରକାରଙ୍କ ତରଫରୁ ଉପରୋକ୍ତ ରାଜ୍ୟମାନଙ୍କୁ ନିଶାମୁକ୍ତ ବୋଲି ଘୋଷଣା କରାହୋଇଛି । ଏହା ସହିତ ଆମ ରାଜ୍ୟ ଓଡ଼ିଶା ପଶ୍ଚିମ ରାଜ୍ୟ ହିସାବରେ ସ୍ଥାନ ପାଇ ପାରିବ କି ? ଥରେ ଥରେ ସରକାରଙ୍କ ଆଭିମୁଖ୍ୟକୁ ଦେଖିଲେ ମନେ ହେବ ଅତିଶୀଘ୍ର ଆମ ରାଜ୍ୟ ପଞ୍ଚମ ସ୍ଥାନ ପାଇ ପାରିବ ଏବଂ ଆଉ ଥରେ ଥରେ ମନେ ହୁଏ ଏହା କୌଣସି ପ୍ରକାରରେ ସମ୍ଭବ ନୁହଁ । ମୂଳରୁ କଣ୍ଟା ସାଜିଛି ୮୦୦ କୋଟି ଟଙ୍କା। ଏହି ଟଙ୍କା ମଦ ନିଶାମରୁ ବାର୍ଷିକ ଆୟ ହିସାବରେ ମିଳୁଛି । ଏହି ପରିମାଣର ଟଙ୍କାକୁ ସରକାର ହେୟଜ୍ଞାନ କରି ପାରିବେ କି ? ଯଦି ସରକାର ଆମ ରାଜ୍ୟରୁ ମଦମୁକ୍ତ ରାଜ୍ୟ କରି ନ ପାରିବେ ରାଜ୍ୟର ଜନସାଧାରଣ ଏହାକୁ ନିଶ୍ଚୟ କରି ପାରିବେ ବୋଲି ଆଶା କରା ହେଉଛି । ଏବେ ଆପଣମାନେ ଦେଖନ୍ତୁ ଖବର କାଗଜ ଖୋଲି ଦେଲେ ଦେଖିବାକୁ ପାଇବେ ସାରା ରାଜ୍ୟରେ ଜନତା ଜାଗ୍ରତ ହୋଇ ନିଶା ବିରୋଧୀ ହୋଇ ପଡ଼ିଛନ୍ତି ଏବଂ ବିଶେଷ କରି ମହିଳାମାନେ । ଯେଉଁଠି ଦେଖନ୍ତୁ ମହିଳାମାନେ ମଦ ଦୋକାନ ଖୋଲିବାକୁ ଦେଉ ନାହାନ୍ତି । ହୁଏତ ଏଇଥି ପାଇଁ ସରକାରଙ୍କ ଠାରୁ ଲିଜ୍ ପ୍ରାପ୍ତ ମଦଦୋକାନ ଖୋଲି ପାରୁ ନାହିଁ । ଜନ ଆନ୍ଦୋଳନ ହେଉଛି ସବୁଠୁ ବଡ଼ ଆନ୍ଦୋଳନ । ଏହାକୁ ସରକାର ଦବାଇ ପାରିବେ ନାହିଁ । ଏହିପରି ଯଦି ଜନ ଆନ୍ଦୋଳନ ମଦ ବିରୋଧୀ ଆନ୍ଦୋଳନରେ ପରିଣତ ହୁଏ ତେବେ ଆମ ରାଜ୍ୟ ନିଶାମୁକ୍ତ ରାଜ୍ୟରେ ପରିଣତ ହୋଇ ପାରିବ । ଏବେ ଏବେ ପୋଲିସ ବିଭାଗ ନିଶାମୁକ୍ତ ଓଡ଼ିଶା ଗଢ଼ିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି । ତିନିଦିନ ତଳେ ନୂଆ ପୋଲିସ ମୁଖ୍ୟାଳୟ ସମେତ ସମସ୍ତ ୩୫ଟି ପୋଲିସ ଜିଲ୍ଲାର ଥାନା ଏବଂ ମୁଖ୍ୟାଳୟଠାରେ ଏକ ସାମୁହିକ ନିଶାମୁକ୍ତ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଶା କବଳରୁ ସମାଜକୁ ଉଦ୍ଧାର କରିବା ଏବଂ ନିଶା ଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ ଥିଲା । ରାଜ୍ୟର ସମସ୍ତ ପୋଲିସ ଅଧିକାରୀମାନେ ଶପଥ ପାଠ ମାଧ୍ୟମରେ ବିଭାଗକୁ ଏବଂ ପରେ ରାଜ୍ୟକୁ ନିଶାମୁକ୍ତ କରାଇବା ପାଇଁ ବଦ୍ଧ ପରିଚୟ । ଏହା ନିଶ୍ଚିତ ଆମ ରାଜ୍ୟ ଏବଂ ସମାଜ ଉପରେ ନିଶ୍ଚୟ ନିଶାମୁକ୍ତ କରାଇବା ପାଇଁ ପ୍ରଚୁର ପ୍ରଭାବ ପକାଇ ପାରିବ ବୋଲି ସମସ୍ତେ ଆଶା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ସରକାରଙ୍କ ସାହାଯ୍ୟ ଏବଂ ସହଯୋଗର ଆବଶ୍ୟକତା ରହିଛି । ଏଇଠି ସରକାରଙ୍କୁ ବାଛିବାକୁ ପଡ଼ିବ ୮୦୦ କୋଟି ଆଗେ ନା ରାଜ୍ୟର ନିଶା ନିବାରଣ ଆଗେ। ଭବିଷ୍ୟତ କହିବ ସରକାର କେଉଁଟା ବାଛିବେ ?

## କବିତା କୋଣାର୍କ

### ଆଜିର ସମ୍ପର୍କ....

**ରାମଚନ୍ଦ୍ର ବେହେରା**



ନିଜର ରକ୍ତକୁ ନଚିହ୍ନେ ଆତ୍ମୀୟ
ପରକୁ କିଏ ପଚାରେ
ମଣିଷ ପଣିଆ ଧ୍ୱଂସ ପ୍ରାୟ ଆଜି
ସ୍ୱାର୍ଥ ଜଡିତ ସଂସାରେ
ଆପଣା ଭାବ ମୁହଁରେ
ଆପଦ ସମୟେ ଦେଖା ନଦିଅନ୍ତି
ଲୁଚନ୍ତି ଥାଇ ପାଖରେ।

ସମ୍ପର୍କ ଗଢିବା ଅଟଇ ସହଜ
ବଜାୟ ରଖିବା କଷ୍ଟ
ନିଃସ୍ୱାର୍ଥ ଭାବନା ପରାଣୁ ହଟିଲେ
ସମ୍ପର୍କ ହୁଅଇ ନଷ୍ଟ
ମନରୁ ପଚାର ଥରେ
ସମ୍ପର୍କ ନୁହଁଇ ବେଳା ବାଲିଘର
ନଥିବ କ୍ଷଣିକ ପରେ।

ମଣିଷ ମନରୁ ଲୋପ ପ୍ରାୟ ଆଜି
ମାନବିକତାର ଧର୍ମ
ଆପଣା ଜନକୁ ନଦିଏ ସମ୍ମାନ
କରେ ସ୍ୱାର୍ଥନ୍ୱେଷୀ କର୍ମ
ସତ୍ୟ କର୍ମେ ରଖ ଧ୍ୟାନ
ବେଳ ଥାଉ ଥାଉ ଅହଂକାର ତେଜି
ନିଜ ମଣିଷକୁ ଚିହ୍ନ।

ବିଚାର ବିବେକ ହୃଦେ ଆପଣାଇ
ମାନବ ଧର୍ମକୁ ମାନ
ନିଜ ସମ୍ପର୍କକୁ ସନ୍ଦେହ ନକରି
ହୃଦୟରେ ଦିଅ ସ୍ଥାନ
କର୍ମ ଅନୁରୂପ ଫଳ
ନିଶ୍ଚେ ପ୍ରାପ୍ତିହେବ ଏ ଧର୍ମ ଜଗତେ
ନଖେଳ କପଟୀ ଖେଳ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### କୁମନ୍ତ୍ରଣା, ଦୃଢ଼ ବିଶ୍ୱାସ

**ସଦାଶିବ ବିଶ୍ୱାଳ**



ସମ୍ପର୍କକୁ ଧନଦେଇ କିଣି ହୁଏନି କି
କ୍ଷମତା ବଳରେ ଜିତିହୁଏନି
ମଣିଷ ଜୀବନର ସବୁଠୁ ବଡ଼ ସମ୍ପଦ,
ସମ୍ପର୍କ ଦୃଢ଼ ବିଶ୍ୱାସ ବିନା ତିଷ୍ଠି ରହେନି

ସମ୍ପର୍କ ଭାଙ୍ଗିବାକୁ
ବଡ଼ ଝଡର ଆବଶ୍ୟକ ନାହିଁ
ତୃତୀୟ ବ୍ୟକ୍ତିର କାନକୁହା,
ଅର୍ଦ୍ଧସତ୍ୟ କଥା ଦିଏ ସମ୍ପର୍କ ଓଳେଇ

ମନ୍ଥରାର କୁମନ୍ତ୍ରଣା
କୈକେଇ ହୃଦୟରେ
ସନ୍ଦେହର ବିଷ ଭରିଦେଲା
ଶ୍ରୀରାମଙ୍କୁ ବନ ପଠେଇ
ଅଯୋଧ୍ୟାର ସୁଖକୁ
ଶୋକରେ ବଦଳାଇଦେଲା

ମହାଭାରତର ପାରିବାରିକ ବିବାଦର
ମୂଳରେ ଥିଲା କୁମନ୍ତ୍ରଣା, ଅହଙ୍କାର
ଶକୁନିର କୁପରାମର୍ଶ,
ଦୁର୍ଯ୍ୟୋଧନର ଅହଙ୍କାର
ଆଣିଦେଲା ପାଣ୍ଡବ,
କୌରବ ମଧ୍ୟେ ଯୁଦ୍ଧ ଭୟଙ୍କର

ସମ୍ପର୍କରେ ଦୃଢ଼ ବିଶ୍ୱାସ ଥିଲେ
କୁମନ୍ତ୍ରଣାର ପରିଣତି ଏଡାଇ ହୁଏ
ବୁଦ୍ଧି ବିବେକ ଖଟାଇ ସିଦ୍ଧାନ୍ତ ନେଲେ
ନିଜ ମଧ୍ୟେ ସୁସମ୍ପର୍କ ବଜାୟ ରହେ

+ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

ଜ୍ଞାନେନ୍ଦ୍ର

# ଛୁଆଧରା ଗାଡ଼ି






ମୋ ଘରର ମୁଖ୍ୟ ଦରଜା ଖୋଲିଲେ ହିଁ ଠିକ୍ ସାମ୍ନାରେ ଦିଶେ ସମୟର ନିଷ୍ପନ୍ଦ ସ୍ମାରକୀ ପରି ଛିଡ଼ା ହୋଇ ରହିଥିବା ଗାଁର ସେହି ଦୁଇମହଲା ପ୍ରାଚୀନ କୋଠାଟି। ଉଚ୍ଚ ଖିଲାଣିଆ ଛାତ । ଶାଗୁଆନ କାଠର ଭାରି କବାଟ ଆଉ ଉପର ମହଲାର ଯେଉଁ ବଡ଼ ଝରକାଟି ମୋ ଦାଣ୍ଡ ଦୁଆର ଆଡ଼କୁ ମୁହାଁଇ ରହିଥିଲା, ସେହି ଝରକାଟିର ଫାଙ୍କରେ ପ୍ରାୟତଃ ଦିଶିଯାଏ ପାଞ୍ଚ ବର୍ଷର କୁନି ଝିଅ ଅରୁଣିମାର ନିରୀହ ମୁହଁ । ଯାହାକୁ ଦେଖିବା ଦିନଠାରୁ ତା' ଉଦାସ ମୁହଁଟି ସଦା ଆଚ୍ଛନ୍ନ କରୁଥାଏ ମୋତେ ।

ଅରୁର ବାପା ଜଣେ ବଡ଼ ବ୍ୟବସାୟୀ। ବର୍ଷର ଅଧିକାଂଶ ସମୟ ବ୍ୟବସାୟ କାମରେ ସେ ସହର ବାହାରେ ହିଁ ରହନ୍ତି। ମଝିରେ ମଝିରେ ଗାଁକୁ ଆସିଲେ ରାସ୍ତାରେ ମୋ ସହ ଦେଖାହୁଏ। ଦୁଇପଦ କଥା ହୁଏ ମଧ। ସେ ସବୁବେଳେ ଝିଅର ପାଠପଢ଼ା ଆଉ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକାଶ କରନ୍ତି। ସେହି ବିରାଟ କୋଠାର ବାହାର କାମ ବୁଝିବାକୁ ଜଣେ ଅଧାବୟସ୍କ ଗାଉଁଲି ଚାକର ଥିଲା। ରୋଷେଇବାସ ସହ ଅରୁର ଯତ୍ନ ନେବା ପାଇଁ ଥିଲେ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ଜଣେ ଅତ୍ୟନ୍ତ ସ୍ନେହୀ ବୃଦ୍ଧା ମାଉସୀ। ସେ ଘରର ଗୋଟିଏ ନିରୋଳା କୋଠରୀରେ ଶୋଇରହୁଥିଲେ ଅରୁର ମା'। ଯିଏକି ଥିଲେ ଏକ ଅଜଣା ରୋଗରେ ଦୀର୍ଘ ଦିନରୁ ଶଯ୍ୟାଶାୟୀ। କଥା କହିବାର ଶକ୍ତି ହରାଇ ପ୍ରାୟ ମୂକ।

ଥରେ କୌଣସି ଏକ କାମରେ ମୁଁ ସେହି ବିରାଟ କୋଠା ଭିତରକୁ ଯାଇଥିଲି। ସେହିଥର ପ୍ରଥମକରି ଅରୁକୁ ମୁଁ ଅତି ପାଖରୁ ଦେଖିବା ଆଉ ତା' ସହ କଥା ହେବାର ସୁଯୋଗ ପାଇଥିଲି। ଉପର ମହଲାର ଯେଉଁ କୋଠରୀର ଝରକା ବାଟଦେଇ ଅରୁର ମୁହଁ ଦିଶେ, ସେହି କୋଠରୀରେ ବସି ଅରୁ ସହ ସାମାନ୍ୟ ଗପସପ ହେଉଥିବା ସମୟରେ ହଠାତ୍ ବାହାରୁ ଗୋଟିଏ କର୍କଶ ହର୍ଣ୍ଣ ଭାସିଆସିଲା। ସେହି ଶବ୍ଦ ଥିଲା ସହରର ବଡ଼ ଘରୋଇ ସ୍କୁଲର ଚକ୍‌ଚକ୍ ହଳଦିଆ ରଙ୍ଗର ମାର୍କେଟିଂ ବସ୍‌ର । ଯାହା ପ୍ରତିବର୍ଷ ଠିକ୍ ଏହି ନାମଲେଖା ଋତୁରେ ଆସେ । ହର୍ଣ୍ଣ ଶୁଣୁ ଶୁଣୁ ଅରୁର କଅଁଳ ମୁହଁଟି ଭୟରେ ଶେତା ପଡ଼ିଗଲା । ସେ ତରତର ହୋଇ ଧାଇଁଯାଇ ଝରକାର ଭାରି କାଠ କବାଟ ଦୁଇଟିକୁ ଧଡ଼ାସ୍ କରି ବନ୍ଦ କରିଦେଲା ।

ତା'ର ଏହି ଭୟାତୁର ଆଖି ଆଉ ଅସ୍ୱାଭାବିକ ବ୍ୟବହାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ପାଖକୁ ଗଲି । ତା' ମୁଣ୍ଡରେ ହାତ ରଖି ପଚାରିଲି, 'କ'ଣ ହେଲା ଅରୁ ? ଝରକା କାହିଁକି ବନ୍ଦ କରିଦେଲୁ ?'

ସେ ଥରଥର କଣ୍ଠରେ, ଆଖି ଛଳଛଳ କରି କହିଲା, 'ସେଇଟା ଛୁଆଧରା ଗାଡ଼ି !'

ମୁଁ ସ୍ତବ୍ଧ ହୋଇ ପଚାରିଲି, 'ଛୁଆଧରା ଗାଡ଼ି ? ନାରେ ସେଇଟା ପରା ଗୋଟିଏ ସ୍କୁଲ ବସ୍ !'

ସେତେବେଳେ ଅରୁ ନିଜ କୁନି ଛାତିରେ ଜମା ହୋଇ ରହିଥିବା କୋହକୁ ଖୋଲି କହିଥିଲା ତା' ମନର ଅସଲ କଥା– କାହିଁକି ସେ ସେହି ଗାଡ଼ିକୁ ଏତେ ଘୃଣା କରେ । କାହିଁକି ସେ ଗାଡ଼ିକୁ ଏତେ ଡରେ । କୋହଭରା ସ୍ୱରରେ କହିଲା ସେ,

- 'ନା, ସେଇଟା 'ଛୁଆଧରା ଗାଡ଼ି' । ଗଲା ଦୁଇ ବର୍ଷ ହେଲା ସେ ଗାଡ଼ି ଯେତେବେଳେ ବି ଗାଁକୁ ଆସୁଛି, ମୋ ସାଙ୍ଗରେ ଯେଉଁମାନେ ଖେଳୁଥିଲେ, ସେ ସମସ୍ତଙ୍କୁ ମୋଠାରୁ ଛଡ଼ାଇ ନେଇଯାଉଛି । ସେମାନେ ଆଉ କେବେ ମୋ ସହ ଖେଳିବାକୁ ଫେରୁନାହାନ୍ତି । ମୋ ସବୁ ସାଙ୍ଗଙ୍କୁ ସେ ଗାଡ଼ି ହିଁ ଧରି ନେଇଯାଇଛି...।'

ସେଦିନ ଅରୁ ସହ କଥା ହେବା ପରେ ମୁଁ ନିସ୍ତବ୍ଧ ହୋଇ ପଡ଼ିଥିଲି । ସ୍ନେହ ଖୋଜୁଥିବା ଗୋଟିଏ ନିଃସଙ୍ଗ ଶିଶୁର କଳ୍ପନାରେ, ବିଚ୍ଛେଦର ଅର୍ଥ କେତେ ଭୟଙ୍କର ହୋଇପାରେ । ଏ କଥା ଭାବି ମୋ ଛାତି ଭିତରଟା କେମିତି ଶୂନ୍ୟ ହୋଇଗଲା । ଚାରିକାନ୍ଥର ବିରାଟ ପ୍ରାସାଦ ଭିତରେ ସେ କେତେ ଏକାକୀ ଥିଲା । ବସ୍‌ଟି ତା' ଖେଳସାଥୀମାନଙ୍କୁ କାଳକ୍ରମେ ସ୍କୁଲକୁ ଘେନିଯିବା କଥାଟି ତା' କଅଁଳ ମନରେ କ୍ରୂର ଅପହରଣ ପରି ଲାଗୁଥିଲା ।

ଦିନ କେଇଟା ପରେ ତା' ବାପା ଫେରି ଆସିଥାନ୍ତି । ମୋ ସହ ତାଙ୍କର ଦେଖା ହେବାରୁ କହିଲେ ଯେ ଅରୁକୁ ଏବେ ପାଞ୍ଚ ବର୍ଷ ପୂରିଲାଣି। ତାକୁ ଏଥର ସହରର ସେଇ ବଡ଼ ସ୍କୁଲକୁ ପଠାଇବା ସ୍ଥିର ହୋଇଛି ।

ଅରୁ ସେଦିନ ବାପାଙ୍କ ନିଷ୍ପତ୍ତି ଶୁଣି ଭୋ ଭୋ ହୋଇ କାନ୍ଦି ନିଜ ମା'ଙ୍କ ଶେଯରେ ମୁହଁ ଗୁଞ୍ଜିଦେଇଥିଲା । ସେ ତା ଅବୋଧ ମନରେ ଭାବୁଥିଲା ସେହି ଛୁଆଧରା ଗାଡ଼ି ଏଥର ତାକୁ ତା' ମା' ପାଖରୁ ଛଡ଼ାଇ ନେବ । ନିରୀମାଖୀ ଚାହାଣୀରେ ଅରୁ ଚାହିଁଲା ତା' ମା' ମୁହଁକୁ । କଥା କହିପାରୁ ନ'ଥିବା ମା' ଥରଥର ଦୁର୍ବଳ ହାତରେ ତା' ମୁଣ୍ଡ ଆଉଁସି ଦେଉଥିଲେ । ଅରୁ ଧକେଇ ହୋଇ ଲୁହ ଆଖିରେ ଚାହିଁଲା ମା'କୁ । ହୁଏତ ଅରୁକୁ ଲାଗିଲା ଯେମିତି ତା ମା' ତାକୁ ନୀରବରେ ବୁଝାଉଥିଲା–

'ଯାରେ ଧନ, ଟିକେ ବାହାର ଦୁନିଆ ଦେଖିବୁ, ନୂଆ କଥା ଶିଖି ଫେରିଆସି ମୋତେ ସବୁ କହିବୁ।'

ସେଦିନ ଥିଲା ଅରୁର ସ୍କୁଲ ଯିବା ଦିନ । ସକାଳେ ଦରଜା ଖୋଲୁ ଖୋଲୁ ଦେଖିଲି ତାଙ୍କ ଘର ଆଗରେ ଡାକ୍ତରଙ୍କ ଗାଡ଼ି । ଅରୁର ମା'ଙ୍କ ଦେହ ଆହୁରି ଖରାପ ହୋଇଯାଇଥିଲା । ଏତିକି ବେଳକୁ ସେହି ହଳଦିଆ ବସ୍ ବାହାରେ ଛିଡ଼ା ହୋଇ ଅରୁକୁ ନେବାପାଇଁ କ୍ରମାଗତ ହର୍ଣ୍ଣ ମାରୁଥାଏ ।

ଅରୁ କିନ୍ତୁ ଜମା ଯିବାକୁ ଚାହୁଁ ନ'ଥିଲା । ଏତିକିବେଳେ ତା'ର ମନେପଡ଼ିଲା ମା' ଦୁଇ ଦିନ ହେଲା କିଛି ଖାଇନି । ତା' ନିଷ୍ପାପ ସରଳ ମନରେ ଭାବିଦେଲା, ସେ ଯଦି ସ୍କୁଲ ଯାଇ ନୂଆ ନୂଆ କଥା ଦେଖି ଆସି ମା'କୁ କହିବ, ତେବେ ହୁଏତ ମା' ଖୁବ ଖୁସି ହେବ, ମା'ର ଦେହ ଭଲ ହୋଇଯିବ। ସେଇ ଅବୋଧ ବିଶ୍ୱାସରେ ସେ ଆଖିରୁ ଲୁହ ପୋଛି ତା' ମନରେ ଚିରଘୃଣିତ ସେହି ଛୁଆଧରା ଗାଡ଼ି ଭିତରକୁ ଚଢ଼ିଗଲା।

ପ୍ରଥମ ଥର ଯେତେବେଳେ ବସ୍ ଭିତରେ ଗୋଡ଼ ଦେଲା ସେତେବେଳେ ଅରୁର କୁନି ଛାତିଟା ଥରୁଥିଲା । ହେଲେ ଝରକା କଡ଼ ସିଟ୍‌ରେ ବସି ବାହାରକୁ ଚାହିଁବା ମାତ୍ରକେ ତା' ଆଖି ଆଗରେ ଏକ ନୂଆ ଦିଗନ୍ତ ଖୋଲିଗଲା– ତା' ଗାଁ ଦେଇ ବହିଯାଉଥିବା ଚିରସ୍ରୋତା ନଈଟି ଦୂର ପୋଲ ଉପରୁ ଦିଶୁଥିଲା ଠିକ୍ ରୂପାର ଚକ୍‌ଚକ୍ ଫିତାଟିଏ ପରି। ପବନରେ ଦୋହଲୁଥିବା ରାସ୍ତା କଡ଼ର ବଡ଼ବଡ଼ ବର, ଓସ୍ତ ଗଛମାନେ ଯେମିତି ବସ୍ ସାଙ୍ଗରେ ପ୍ରତିଯୋଗିତା କରି ପଛକୁ ପଛ ଦୌଡ଼ି ପଳାଉଥିଲେ । ଧାନ କ୍ଷେତ, ଚରୁଥିବା ଗାଈଗୋଠ ଆଉ ତା' ପରେ ହଠାତ୍ ଆରମ୍ଭ ହୋଇଗଲା କଳା ପିଚୁ ରାସ୍ତାର ଦ୍ରୁତଗାମୀ ସହର । ବିଭୋର ହେଇ ଏ ଦୃଶ୍ୟକୁ ଦେଖୁ ଦେଖୁ ବସ୍ ଯାଇ କେତେବେଳେ ସହରର ସେହି ବିରାଟ ସ୍କୁଲ ପରିସର ସମ୍ମୁଖରେ ଛିଡ଼ା ହେଲା, ଏକଥା ଅରୁକୁ ଜଣାନ'ଥିଲା । ବସ୍ ବ୍ରେକ ମାରିବା ମାତ୍ରକେ ଚମକିପଡ଼ି ସେ ଦେଖିଲା ବସ୍ ଅଟକି ରହିଛି । ସମସ୍ତେ ବସ୍‌ରୁ ଓହ୍ଲେଇବାରେ ଲାଗିଛନ୍ତି ।

ସାମାନ୍ୟ ଦ୍ୱିଧା ଭିତରେ ବସରୁ ଓହ୍ଲେଇ ସ୍କୁଲର ବିରାଟ ଫାଟକ ଭିତରେ ପାଦ ଦେଉ ଦେଉ ଅରୁ ସ୍ତବ୍ଧ ହୋଇ ରହିଗଲା । ସାମ୍ନା ସବୁଜ ଘାସ ପଡ଼ିଆରେ ନାନାଦି ରଙ୍ଗବେରଙ୍ଗର ଖେଳ ଉପକରଣ ସଜା ହୋଇ ରହିଥିଲା । ହାତୀ ଆଉ ଜିରାଫ୍ ମୁହଁ ଥିବା ଡଳଡଳ ଖସଡ଼ା, ଆକାଶକୁ ଛୁଇଁବା ଭଳି ଦୋଳି ଆଉ ଚାରିଆଡ଼େ ଘୁରୁଥିବା ଘୂର୍ଣ୍ଣି ଚକ୍ର । ସବୁଠୁ ବଡ଼ ଚମତ୍କାର ଥିଲା ସେହି ପଡ଼ିଆରେ ହିଁ ଦୌଡୁଥିଲେ ତା'ର ପୁରୁଣା ହଜିଯାଇଥିବା ଖେଳସାଥୀ ମାନେ!

ଯେଉଁମାନଙ୍କୁ ସେ ଭାବୁଥିଲା କୌଣସି ରାକ୍ଷସ ଛଡ଼ାଇନେଇଛି, ଧାଇଁଆସି ସେମାନେ ତା' ହାତ ଧରି ଖୁସିରେ ନାଚିଉଠିଲେ । ଗୋଟିଏ ମୁହୂର୍ତ୍ତରେ ଅରୁର ସବୁ ଭୟ ସବୁ ଅଭିମାନ ଧୋଇହୋଇ ଗଲା । ପ୍ରବଳ ଆନନ୍ଦରେ ତା' ସାଙ୍ଗମାନଙ୍କୁ ଦେଖି ଚକା ଚକା ଭଉଁରୀ ଖେଳି ଘୁରି ଘୁରି ନାଚିଉଠିଲା ଅରୁ । ତା'ପରେ ଚାଲିଲା ପ୍ରାର୍ଥନା । କ୍ଲାସରୁମ୍‌ର ପାଠ ଭିତରେ ଆଉ ମନ ଲାଗୁନ'ଥାଏ ଅରୁର । ଏଥର ଖେଳଛୁଟି ଘଣ୍ଟା ବାଜିଲା। ସଙ୍ଗସାଥୀଙ୍କ ସାଥିରେ ନାନାଦି ଖେଳରେ ମାତିଲେ ବି ଅରୁର ଅବୋଧ ମନ କେବଳ ଛୁଟି ଘଣ୍ଟିକୁ ଅପେକ୍ଷା କରି ରହିଥିଲା । କେବେ ସେ ଘରକୁ ଯିବ ଆଉ ମା'କୁ ଏଇ ଅଦ୍ଭୁତ ଦୁନିଆର କଥା ସବୁ କହିବ।

ଫେରିବା ବେଳେ ବସ୍ ଭିତରେ ସେ ସବୁଠୁ ଆଗକୁ ଚାଲିଗଲା । କାରଣ ସେ ପିଲାଦିନୁ ଟିକେ ଛୋଟ ଉଚ୍ଚତାର ଥିଲା। ବାହାରର କୌଣସି ଦୃଶ୍ୟ ଯେମିତି ତା' ଆଖିରୁ ବାଦ୍ ନ'ପଡ଼େ, ସେହି ଲୋଭରେ ସେ ଠିକ୍ ଡ୍ରାଇଭରଙ୍କ ପଛପଟେ ଥିବା ସବୁଠାରୁ ଉଚ୍ଚ ସିଟ୍‌ଟିରେ ଯାଇ ବସିପଡ଼ିଲା। ସେଠାରୁ ବସ୍‌ର ସାମ୍ନା ବିରାଟ କାଚ ଦେଇ ସାରା ଦୁନିଆ ପରିଷ୍କାର ଦିଶୁଥିଲା ଅରୁକୁ।

ସହରର ରାସ୍ତାରେ ଆକାଶକୁ ଛୁଉଁଥିବା ଖୁବ୍ ଉଚ୍ଚ ଟାୱାର ସଦୃଶ ଘର ଗୁଡ଼ିକ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ରାସ୍ତାରେ ଚାଲୁଥିବା ଛୋଟ ବଡ଼ ଅଗଣିତ ଗାଡ଼ି ଆଉ ଟିକିଏ ଖାଲି ଜାଗା ପାଇଲେ ପବନ ବେଗରେ ଆଗକୁ ଦୌଡ଼ି ଓଭରଟେକ୍ କରୁଥିବା ରଙ୍ଗବେରଙ୍ଗର ବସ୍‌ଗୁଡ଼ିକୁ ଦେଖି ତା' ଛାତି ଉଲ୍ଲାସରେ ନାଚି ଉଠୁଥିଲା । ଇସ୍ କେତେ ରଙ୍ଗର ଗାଡ଼ି । ଅରୁ ଭାବୁଥିଲା ଘରକୁ ଗଲେ ତା' ମା'କୁ ପଚାରିବ, 'ସହରରେ ଇନ୍ଦ୍ରଧନୁ ଠାରୁ ବି ଅଧିକ ଏତେ ରଙ୍ଗ କେଉଁଠୁ ଆଣିଲେ ବସ୍ ମାନେ !'

ହଠାତ୍ ତା' ମନ ଭିତରେ ମା' ପାଇଁ ଏକ ଅଦମ୍ୟ ଉଦ୍‌ବେଗ ଜାଗିଉଠିଲା । ମା' ତ କଥା କହିପାରୁନି । ଶେଯରୁ ବି ଉଠିପାରୁନି... । ସେ କେମିତି ଏସବୁ ଦେଖିବ ? ମୋତେ କିଛି ପଚାରିବ କେମିତି ? କାଳବିଳମ୍ବ ନ'କରି ଅରୁ ତା' ନିଜ ପିଠିରୁ ସ୍କୁଲ ବ୍ୟାଗ୍‌ଟି ଖୋଲିଲା । କମ୍ପିତ ଓ ବ୍ୟଗ୍ର ତା' କୁନି ହାତରେ ଖାତା ଆଉ ପେନ୍ସିଲ୍ ବାହାର କରି ଡ୍ରଇଂ ଆରମ୍ଭ କରିଦେଲା।

ଦୋହଲୁଥିବା ବସ୍ ଭିତରେ ତା' ପେନ୍ସିଲ୍ ଅଙ୍କାବଙ୍କା ହୋଇ ଚାଲିଥିଲା । ଗାର ଟାଣି ସେ ଆଙ୍କିଲା ବହିଯାଉଥିବା ନଈ, ସବୁଜ ରଙ୍ଗର ଗଛ, ଉପରକୁ ଉଠିଥିବା ଉଚ୍ଚ ଟାୱାର ଆଉ ଚକ ଲାଗିଥିବା ଗୋଟିଏ ବଡ଼ ହଳଦିଆ ବସ୍ । ସେ ଗୋଟିଏ ପରେ ଗୋଟିଏ ପୃଷ୍ଠା ଓଲଟାଇ ଆଙ୍କି ଚାଲିଥିଲା ଆଉ ମନେ ମନେ କହୁଥିଲା,

– 'ମା' କାଳେ ଭାବିବ ମୁଁ ମିଛ କହୁଛି, ମୁଁ ଏଇ ଛବି ଦେଖାଇ ତାକୁ ସବୁ ବୁଝାଇଦେବି। ଏ ଛବି ଦେଖିଲେ ମା' ନିଶ୍ଚୟ ଖୁସି ହୋଇଯିବ। ମା' ମୁହଁରେ ହସ ଫୁଟିବ ଆଉ ତା' ଦେହ ସଙ୍ଗେ ସଙ୍ଗେ ଭଲ ହୋଇଯିବ ।'

କାଗଜ ଦେହରେ ପ୍ରତିଟି ଗାର ଟାଣିବା ବେଳେ ତା' କଅଁଳ ଆଖିରେ ଝଲସି ଉଠୁଥିଲା ମା'କୁ ଖୁସି ଦେଖିବାର ଅସରନ୍ତି ବ୍ୟାକୁଳତା।

ଅପରାହ୍ନରେ ମୁଁ ମୋ ଦରଜା ପାଖରେ ଛିଡ଼ା ହୋଇଥିବା ବେଳେ ଦେଖିଲି ସେହି ପୁରୁଣା କୋଠା ଆଗରେ ଗାଁ ଲୋକଙ୍କ ଭିଡ଼। ଠିକ୍ ଏତିକିବେଳେ ରାସ୍ତାରୁ ଅରୁର ସ୍କୁଲ ଫେରନ୍ତା ବସ୍‌ର ହର୍ଣ୍ଣ ଶୁଭିଲା। ବସ୍ ଆସି ଅଟକିବା ମାତ୍ରକେ ତା' ଭିତରୁ ଚଞ୍ଚଳ ଓହ୍ଲାଇ ଅରୁ ଦୌଡ଼ିଗଲା ଘରକୁ । ଗାଁ ଲୋକଙ୍କ ଗହଳି ଦେଖି ଆନନ୍ଦରେ ଭାବିଲା ଯେ ସମସ୍ତେ ତାକୁ ଅଭିନନ୍ଦନ ଜଣାଇବାକୁ ଆସିଛନ୍ତି । ତା' ସ୍କୁଲ କଥା ପଚାରିବାକୁ ତାଙ୍କ ଘର ଆଗରେ ଭିଡ଼ କରି ଛିଡ଼ା ହୋଇଛନ୍ତି । ଅରୁର କିନ୍ତୁ ଗୋଟିଏ ଲକ୍ଷ୍ୟ । ତା' ମାଆକୁ ସବୁକଥା ଶୁଣାଇବ । ମାଆ ଖୁସି ହେଲେ ତା' ଦେହ ଭଲ ହୋଇଯିବ। ହାତରେ ଛବି ଖାତାଟି ଧରି ଅରୁ ଦୌଡ଼ିଗଲା ଘର ଭିତରକୁ ।

କୋଠରୀ ଦୁଆରବନ୍ଧ ପାଖରେ ଛିଡ଼ା ହୋଇଥିଲର ତା' ବାପା। ଅରୁକୁ ଛାତିରେ କୁଣ୍ଢାଇ ଧରିଲେ । ଅରୁ ଦେଖିଲା ବାପାଙ୍କ ଆଖି ଦୁଇଟି ଲାଲ୍ ହୋଇଯାଇଥିଲା, ସେ ନିଜ କୋହ ସମ୍ଭାଳି ପାରୁ ନ'ଥିଲେ ।

ବାପାଙ୍କ କାନ୍ଧ ଉପରେ ଆଉଜି ଅରୁ ବ୍ୟାକୁଳ ହୋଇ କହୁଥାଏ–

'ବାପା ତୁମେ ଆଉ ଦୁଃଖ କରନାହିଁ । ସ୍କୁଲ ଯାଇ ମୋ ମନ ବହୁତ ଖୁସି ହୋଇଯାଇଛି ।'

ଅରୁ ତା' ମା'କୁ ସବୁକଥା ଜଣାଇବାକୁ ଖୁବ ଅଧୈର୍ଯ୍ୟ ହୋଇ ପଡୁଥିଲା । ସେ ବାପାଙ୍କୁ କହି ଚାଲିଥିଲା,

– 'ବାପା, ମୋତେ ମା' ପାଖକୁ ଛାଡ଼ିଦିଅ...। ସେ ଗାଡ଼ିଟି ଜମା ଛୁଆଧରା ଗାଡ଼ି ନୁହେଁ ! ସେ ମୋ ସାଙ୍ଗମାନଙ୍କୁ ଛଡ଼ାଇନେଇନି। ସେମାନେ ସବୁ ସ୍କୁଲରେ ଖେଳୁଛନ୍ତି । ମୁଁ ଆଜି ବହୁତ କଥା ଦେଖି ଆସିଛି । ଏଇ ଦେଖ ନଈ, ଦୌଡୁଥିବା ଗଛ, ଉଚ୍ଚ ଟାୱାର ଘର... ମା'କୁ ଏଇ ଖାତା ଦେଖାଇବି । ମା' ଏବେ ଭଲ ହୋଇଯିବ ତ ?'

ବାପା ଚୁପ ଥିଲେ । ତାଙ୍କ ଲାଲ ଆଖିରୁ ବହି ପଡୁଥିବା ଲୁହକୁ ପୋଛିଦେଲା ଅରୁ ।

ଅରୁ ଆଉ ତା' ବାପାଙ୍କ ପାଖରେ ଭିଡ଼ରେ ଛିଡ଼ାହୋଇ ଭିତରେ ଭିତରେ ଶିହରି ଉଠି ମୁଁ ଭାବୁଥିଲି– ନିୟତିର କି କ୍ରୂର ପରିହାସ ! ଯେଉଁ ମୁହୂର୍ତ୍ତରେ ଶିଶୁଟି ନିଜ ଭିତର ଭୟକୁ ଜୟ କରି ଜୀବନର ଉତ୍ସବ ଆଡ଼କୁ ପାଦ ବଢ଼ାଇଥିଲା, ଠିକ୍ ସେଇ ମୁହୂର୍ତ୍ତରେ ହିଁ ତା'ର ସମଗ୍ର ଦୁନିଆଁ ଭାଙ୍ଗି ଚୂରମାର ହୋଇଗଲା। ଯେତେବେଳେ ଅରୁ ଭିତରକୁ ଯାଇ ମା'ର ନିସ୍ପନ୍ଦ ଶଯ୍ୟା ପାଖରେ ଜୀବନର କଠୋର ସତ୍ୟ ଦେଖି ଭାଙ୍ଗିପଡ଼ିବ, ତା' କୁନି ମୁଣ୍ଡରେ ହୁଏତ ପୁଣି ଏହି ଭୟଙ୍କର କଥାଟି ପଶିଯିବ ଯେ, ସେହି ଗାଡ଼ିରେ ଚଢ଼ି ସହରକୁ ଯିବାପରେ ହିଁ ମା' ତାକୁ ଛାଡ଼ି ଚାଲିଗଲା । ସେ ଅବୋଧ ଶିଶୁଟି ହୁଏତ ପୁଣିଥରେ ଜୀବନସାରା ଘୃଣା କରିବସିବ ସେହି ଗାଡ଼ିକୁ। ଯିଏ ଆଜି ତା' ମା'କୁ ଛଡ଼ାଇନେଇ ତାକୁ ପୁଣିଥରେ ଚିରଦିନ ପାଇଁ ଏକା କରିଦେଇଛି।

ମୁଁ ଆଉ ଚାହିଁ ପାରୁନ'ଥିଲି ଅରୁର ମୁହଁକୁ। ଚୁପ୍ ଚାପ୍ ଫେରିଆସିଲି ସେଠାରୁ ।

ସେଦିନ ପରଠାରୁ ବେଶ୍ କେତେଦିନ ବିତିଗଲା। ସାମ୍ନା ଦୁଇମହଲାର ପୁରୁଣା ଝରକାରେ ଆଉ କେବେ ଦିଶିଲାନି ଅରୁର ସେହି ନିରୀହ ମୁହଁଟି। ଘରର ସେହି ଝରକାଟି ମୂକ ପାଲଟିଯାଇ ଚିରଦିନ ପାଇଁ ବନ୍ଦ ହୋଇ ପଡ଼ିରହିଲା । ସେଠାରେ କେବେ ଆଉ ଅରୁକୁ ଅରୁକୁ ନ'ଦେଖି ମୋତେ ବି ଆଉ ଆମ ଦାଣ୍ଡ ଦୁଆର ଆଗରେ ଛିଡ଼ା ହେବାକୁ ଇଚ୍ଛା ହେଉ ନ'ଥିଲା । ଯେମିତି ସାରା ପରିବେଶଟା ଦିନକୁ ଦିନ ଭରି ଯାଉଥିଲା ଅସହ୍ୟ ଶୂନ୍ୟତାରେ ।

ବାଧ ହୋଇ ଦିନେ ମନ ନ'ମାନିବାରୁ ମୁଁ ପୁଣି ସେହି ବିରାଟ କୋଠା ଭିତରକୁ ଗଲି। ଦାଣ୍ଡ ବାରଣ୍ଡାରେ ଦେଖାହେଲେ ସ୍ନେହୀ ବୃଦ୍ଧା ମାଉସୀ। ଆଖିରେ ଅସରନ୍ତି ଶୋକ ଧରି ସେ ନୀରବରେ ବାରଣ୍ଡା କାନ୍ଥକୁ ଆଉଜି ହୋଇ ବସିଥିଲେ ।

ମୁଁ ଉଦ୍‌ବେଗର ସହ ପଚାରିଲି,

– 'ମାଉସୀ, ଅରୁ କାହିଁ ? କେତେଦିନ ହେଲା ତାକୁ ଝରକା ପାଖରେ ଦେଖିବାକୁ ପାଉନାହିଁ ।'

ମାଉସୀ ଏକ ଦୀର୍ଘଶ୍ୱାସ ଛାଡ଼ି ଲୁହ ଛଳଛଳ ଆଖିରେ କହିଲେ,

– 'ସେ ଆଉ ଏଠି ନାହିଁ ବାବୁ..., ତା' ବାପା ତାକୁ ସହରର ସେହି ସ୍କୁଲ ହଷ୍ଟେଲରେ ରଖି ଦେଇଆସିଲେ । ଅରୁ ଏବେ ସେଇଠି ରହି ପଢୁଛି ।'

ଆହା...!! ଅରୁଟି କେମିତି ଯାଇଥିବ ହଷ୍ଟେଲରେ ରହିବାକୁ ! ସେ ତ ଘର ଛାଡ଼ିବାକୁ ଟିକିଏ ବି ମଙ୍ଗୁନ'ଥିଲା। ମୋ ଭିତରେ ମୁଁ ଅତ୍ୟନ୍ତ ନିରାଶ ଆଉ ଭାରାକ୍ରାନ୍ତ ହୃଦୟ ଧରି ଫେରିଆସିଲି । ସେ କଅଁଳ ଛୁଆଟି ସହ ଆଉ କେବେ ଜୀବନରେ ଦେଖାହେବ କି ନାହିଁ, ଏ କଥା ଯେମିତି ଅନିଶ୍ଚିତତାର ଅନ୍ଧାର ଭିତରେ ହଜିଯାଇଥିଲା ।

ଭାବୁଥିଲି, ନିୟତିର ବିଚିତ୍ର ଖେଳଘରେ ଯେମିତି ଆମେ ସମସ୍ତେ ସେଇ ଅଦୃଶ୍ୟ ଛୁଆଧରା ଗାଡ଼ିର ଜଣେ ଜଣେ ଅସହାୟ ଯାତ୍ରୀ । ଯିଏ କେବେ ଆମ ପ୍ରିୟ ମଣିଷ ତ ଆଉ କେବେ ଆମ ନିଷ୍ପାପ ଶୈଶବକୁ ଆମଠାରୁ ଛଡ଼ାଇ ନେଇ ଚାଲିଥାଏ ଅଫେରନ୍ତା ଅନ୍ଧକାର ଆଡ଼କୁ । ପଛରେ କେବଳ ପଡ଼ିରହିଯାଏ ଗୋଟିଏ ବନ୍ଦ କାଠ ଝରକା, ଖାତାରେ କିଛି ଅଙ୍କାବଙ୍କା ଛବି ଆଉ ଅସରନ୍ତି ଶୂନ୍ୟତାର ଗୋଟିଏ ନୀରବ ଆର୍ତ୍ତନାଦ ।

ସେଠାରୁ ଫେରି ଆସୁଥିବାବେଳେ ମୋ ମନ ଭିତରେ କେବଳ ଗୋଟିଏ ପ୍ରଶ୍ନ ବାରମ୍ବାର ଧକ୍କା ଖାଉଥିଲା–

ସତରେ ଅରୁ କାହିଁକି ହଷ୍ଟେଲ ଗଲା ? ଘରେ ତା'ର ମା' ଆଉ ନାହାନ୍ତି ବୋଲି, ନା ସେ ଆଉ କେବେ ସେହି ଛୁଆଧରା ଗାଡ଼ିରେ ବସି ପ୍ରତିଦିନ ସ୍କୁଲ ଯିବାକୁ ଚାହୁଁ ନ'ଥିଲା ? କାହିଁକିନା, ତା' ନିରୀହ ଅବୋଧ ବିଶ୍ୱାସରେ ସେହି ଛୁଆଧରା ଗାଡ଼ି ହିଁ ତା'ଠାରୁ ତା' ମା'କୁ ଚିରଦିନ ପାଇଁ ଛଡ଼ାଇ ନେଇ ତାକୁ ପୁଣିଥରେ ତା' ଦୁନିଆଁରେ ଏକାକୀ କରିଦେଇଥିଲା।

+ସୁନ୍ଦରୀ, ସୁନହଟ,ବାଲେଶ୍ୱର

ସ୍ୱୀଟି ଦାସ

# ଅଭୁଲା ଅତୀତ





ଚୌକି ଉପରେ ଗୋଡ଼ ଉପରେ ଗୋଡ଼ ଥୋଇ ଏକାନ୍ତରେ ବସିଥାନ୍ତି ସଞ୍ଜୟ ବାବୁ। ଜୀବନର ଚଉଷଠି ବସନ୍ତ ବିତେଇ ସାରିଥିବା ଅବସର ପ୍ରାପ୍ତ ଶିକ୍ଷକ ହେଉଛନ୍ତି ସଂଜୟ ମହାପାତ୍ର । କିଛି ଗୋଟେ ଚିନ୍ତାରେ ବସିଥାନ୍ତି ସେ । ତାଙ୍କର ଏହି ଅନ୍ୟମନସ୍କତା ଦେଖି ପତ୍ନୀ ଅନୁପମା କହିଉଠିଲେ :-

- କଣ ହୋଇଛି ତମର ?

ମୁଁ ଦେଖୁଛି ସକାଳଠୁ ତମେ କଣ ଗୋଟେ ଚିନ୍ତାରେ ବସିଛ ?

ସଞ୍ଜୟ :- ତମେ କଣ ଜାଣିପାରୁନ ?

ପତ୍ନୀ :- କି ଆଶ୍ଚର୍ଯ୍ୟ କଥା ! ମୁଁ କେମିତି ଜାଣିବି ଯେ ତମେ କଣ ଭାବୁଛ ?

ସଞ୍ଜୟ :- ଏଇ ଆମ ଝିଅ କୁନି କଥା ଭାବୁଥିଲି ।

ବାହାଘରକୁ ତ ଆଉ ଦିନ କେଇଟା ବାକି ରହିଲା ...।

ପତ୍ନୀ :- ଆଚ୍ଛା ! ମୋର ଜାଣିବାରେ ତମେ ତ ଯାନିଯୌତୁକ, ଟେଣ୍ଡ, ଗହଣା, ପୋଷାକପତ୍ର ଆଦି ବାବଦକୁ ଯଥେଷ୍ଟ ଟଙ୍କା ଖର୍ଚ୍ଚ କରିସାରିଲଣି, ପୁଣି ଆଉ କଣ ବାକି ରହିଗଲା ଯେ...? ଖାଲି ଯାହା ବାହାଘର ଦିନକୁ ଅପେକ୍ଷା।

ସଞ୍ଜୟ :- ନା ! ସେମିତି କିଛି ନାହିଁ ଯେ...

ମୁଁ ଚାହୁଁଛି ଟିକି ଅପାର ସେ ସୁନା ମୁଦିଟା କୁନିକୁ ଦେବି...।

କୁନି :- ନାହିଁ ବାପା ! ପିଇସୀଙ୍କର ସେଇ ପୁରୁଣା ମୁଦିଟା ମୁଁ ପିନ୍ଧିବି ନାହିଁ । ସେଇଟା ତ କଳଙ୍କି ଖାଇଯାଇଛି । ମୋତେ ଆଜିକାଲିକା ଲେଟେଷ୍ଟ ଡାଇମଣ୍ଡ ରିଙ୍ଗ ଦେବା ବଦଳରେ ତମେ ଏଇ ପୁରୁଣା ମୁଦି ଦଉଛ.....।

ଲୋକେ ଦେଖିଲେ କଣ ଭାବିବେ... ସେକଥା କେବେ ଚିନ୍ତା କରିଛ।

ପତ୍ନୀ : - ତମ ଝିଅ ଠିକ କହୁଛି । ତମେ କଣ ଯେ ସେ ପୁରୁଣା ମୁଦିଟା ପଛରେ ପଡିଛ...। ତମେ କଣ ତାକୁ ଗୋଟେ ନୂଆ ମୁଦି ଦେଇପାରିବନି । କାଲି ପା ତମେ ବ୍ୟାଙ୍କରୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ଉଠେଇଥିଲ, ପୁଣି ଏତେ କଂଜୁସି କଣ ପାଇଁ ?

ପତ୍ନୀ ଓ ଝିଅ ମୁହଁରୁ ଏପରି କଥା ଶୁଣି ସଞ୍ଜୟ ବାବୁଙ୍କ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିଲା ପରି ରାଗରେ ଚିଲାଇ ଉଠିଲେ ଓ ପିଉଥିବା ଚାହା କପ ତାକୁ ସେଇଠି ଠିଆ ଠିଆ କଚାଡି ଦେଲେ।

ପତ୍ନୀ :- କଣ ହୋଇଛି ତମର ? ଆମେ ଏମିତି କଣ କହିଦେଲୁ କି ?

ସେ ପୁରୁଣା ମୁଦି ପାଇଁ ତମର ଏତେ ଦରଦ କଣ ପାଇଁ ଯେ..... ?

ସଞ୍ଜୟ :- ତମେ କେମିତି ବୁଝିବ ସେ ମୁଦିର ମୂଲ୍ୟ ବିଷୟରେ । ଅପାର ସେ ମୁଦିର ଦମ୍ ହୀରା ମୁଦିଠାରୁ ବହୁ ଗୁଣରେ ଅଧିକ । ଆଜି ମୁଁ ଯାହାବି ହେଇପାରିଛି ଆଉ ସମାଜ ରେ ଯଉଁ ଟିକକ ପ୍ରତିଷ୍ଠା ପାଇପାରିଛି ତାହା କେବେଳ ଏଇ ମୁଦି ପାଇଁ...।

ଜାଣିବାକୁ ଚାହୁଁଛ ସେ ସେ ମୁଦି ପଛରେ ଥିବା ଅଭୁଲା ଅତୀତକୁ....! ତେବେ ଶୁଣ - ଯେତେବେଳେ ମୋତେ ମାତ୍ର ବାର ବର୍ଷ ଓ ଟିକି ଅପାକୁ ଷୋହଳ ବର୍ଷ ହୋଇଥିଲା ବାପା ମାଆ ଏକ ଅଜଣା ରୋଗରେ ପୀଡିତ ହୋଇ ଆରପାରିକୁ ଚାଲିଗଲେ। ଆମ ଭାଇ ଭଉଣୀ ଦୁଇ ଜଣଙ୍କୁ ଛାଡି ଦେଲେ ଘରେ ଆଉ କେହି ବି ନଥିଲେ। ଏପଟେ ଘରର ଆର୍ଥିକ ସ୍ଥିତି ବି ଭଲ ନ ଥାଏ। ବାପା ମୋର ପର ଜମିରେ ଚାଷ କରି ଯେତିକି ଅର୍ଥ ସଂଚିଥିଲେ, ସେତିକିରେ ଆମେ ଦୁଇ ପ୍ରାଣୀ ପାଞ୍ଚ ମାସ କଷ୍ଟେମଷ୍ଟେ ଚଳିଗଲୁ। ସେତେବେଳେ ମୋତେ ଚତୁର୍ଥ ହୋଇଥାଏ । ସ୍କୁଲକୁ ଯିବାପାଇଁ ବହିପତ୍ର, ପୋଷାକ ଆଦିର ଅଭାବ ପରିଲକ୍ଷିତ ହେଲା। ପୁଣି ଓଳିଏ ଖାଇଲେ ଦି ଓଳି ଓପାସ । ଘରର ଏହି ପରିସ୍ଥିତିକୁ ଲକ୍ଷ୍ୟ କରି ଟିକି ଅପା ବି ନିଜ ପାଠ ପଢାରେ ଡୋରି ବାନ୍ଧି ଦେଲା। ମୋତେ କେମିତି ପାଠ ପଢାଇ ମଣିଷ କରିବ ସେଇ ଚିନ୍ତା ତାକୁ ଦିନ ରାତି ଘାରିଯାଉଥିଲା। ପର ଘରେ ପାଇଟି କରି ଅପା ଯାହା ଆଣେ ସେଥିରେ ଆମର ଦି ଓଳି ଖାଇବା ଯୋଗାଡ଼ କରିବା ତ କଷ୍ଟ, ପାଠ କଣ ପଢ଼ିବି ଯେ....। ସେତେବେଳେ ତ ଆଜିକା ଭଳି ସୋସିଆଲ ମିଡ଼ିଆ ନ ଥିଲା, କିଏ ଆମ ଦୁଃଖ ବୁଝିବ। ଆମେ ଆମ ଦୁଃଖ କାହାଣୀ ବୁଝିବାକୁ ସରକାରଙ୍କୁ ଚିଠି ଖଣ୍ଡେ ବି ଦେଇଥିଲୁ, କିନ୍ତୁ ତାର କୌଣସି ଫଳ ମିଳିଲା ନାହିଁ । ମୋର ପାଠ ପଢା ବନ୍ଦ ହେବାଟା ଯେମିତି ଥୟ ଥିଲା । ଠିକ ସେତିକି ବେଳେ ଆମ ଦୁଃଖକୁ ସହି ନ ପାରି ଗାଁ ଜମିଦାର ବାବୁ ଦିଦି କୁ ଏକ ଇଟା ଫେକ୍ଟରୀ ରେ କାମ ଯୋଗେଇଦେଲେ । ଯଉ ବୟସରେ ଝିଅଟିଏ ପାଠ ପଢ଼ିବାର ସ୍ୱପ୍ନ ଦେଖେ, ଭବିଷ୍ୟତରେ କିଛି ହେବାର ଆଶା ଓ ଉଦ୍ଦୀପନା ନେଇ ଆଗକୁ ବଢ଼େ, ସେଇ ବୟସରେ ଟିକି ଅପା ହୋଇଯାଇଥିଲା ଏକ ଦିନମଜୁରିଆ। ଅଠର ବୟସରୁ କମ ବୟସରେ କାମ କଲେ ହୁଏତ ଆଜିର ସମାଜ ତାକୁ ଶିଶୁ ଶ୍ରମିକର ଆଖ୍ୟା ଦିଏ କିନ୍ତୁ ସେତେବେଳେ ସେ ଜଣେ ଶିଶୁଶ୍ରମିକ ହେବା ସହ ମୋର ବାପା, ମାଆ, ଭଉଣୀ, ବନ୍ଧୁ ସବୁକିଛି ଥିଲା। ଏତେ କମ ବୟସରୁ ଅପା ପରିବାରର ସମସ୍ତ ଖର୍ଚ୍ଚ ବହନ କରିବା ସହ ମୋତେ ପାଠ ପଢେଇବାକୁ ମଧ୍ୟ ସକ୍ଷମ ହୋଇପାରିଥିଲା। ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରି ଥକି ଗଲେ ବି ମୋତେ କେବେ ତା କଷ୍ଟ ଜଣେଇବାକୁ ଦିଏ ନାହିଁ । ନିଜେ ଚିରା ଫଟା ଡ୍ରେସ ପିନ୍ଧି ମୋତେ ଭଲ ପିନ୍ଧିବା ପାଇଁ ଦିଏ, ନିଜେ ନ ଖାଇ ମୋତେ ଖାଇବାକୁ ଦିଏ । ଏମିତି ଦୁଖେ ସୁଖେ କିଛି ବର୍ଷ ବିତିଯାଇଥାଏ ଆଉ ମୋର ସ୍କୁଲ ପଢା ବି ସରିଯାଇଥାଏ । ଏପଟେ ଟିକି ଅପାର ବାହାଘର ବୟସ ବି ଧୀରେ ଧୀରେ ଗଡି ଗଡି ଯାଉଥିବାରୁ ବାର ଆଡୁ ବାର କଥା ବି ଶୁଣିବାକୁ ମିଳେ କିନ୍ତୁ ସେ ସବୁ କଥାକୁ ସେ ତିଳେ ହେଲେ ବି ଖାତିର କରେ ନାହିଁ । ମୁଁ ଅପାର ସେହି ଦୁଃଖକୁ ସଂଭାଳି ନ ପାରି ତାର ସେଇ ସୁନା ମୁଦିକୁ ବିକ୍ରି କରି ବିବାହ କରିବାକୁ ପ୍ରସ୍ତାବ ଦେଲି। କିନ୍ତୁ ସେ ମୋ କଥାକୁ ତିଳେ ହେଲେ ବି ଖାତିର କଲା ନାହିଁ। ମୁଁ ତାକୁ ଯେତେ ବୁଝେଇଲେ ବି ସେ ପ୍ରସ୍ତାବରେ ରାଜି ହେଲା ନାହିଁ...। ମୋତେ ଭଲ ଚାକିରୀ ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ସେ ବିବାହ ନ କରିବାକୁ ସ୍ଥିର କଲା। ଶେଷରେ ତାର ସେଇ ସୁନା ମୁଦିକୁ ଜମିଦାର ବାବୁଙ୍କଠାରେ ବନ୍ଧା ପକେଇ ପଇଶା ଆଣି ମୋତେ ସହରକୁ ପାଠ ପଢେଇବାକୁ ପଠେଇଲା।

ସେତେବେଳେ ତ ଫୋନ ନଥିଲା, କେବେ କେବେ ଚିଠି ମାଧ୍ୟମରେ ମୋର ଭଲ ମନ୍ଦ କଥା ପଚାରି ବୁଝେ... କିନ୍ତୁ ତା ନିଜ କଷ୍ଟ ବିଷୟରେ କେବେ ଚିଠିରେ ଜଣାଏ ନାହିଁ। ବହୁ ପରିଶ୍ରମ କରି ମୁଁ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଚାକିରୀଟେ ପାଇଲି । ଏତେ ବଡ଼ ଖୁସି ଖବରକୁ ସାମାନ୍ୟ ଚିଠି ମାଧ୍ୟମରେ ଦେବାଟା ଠିକ ହବନି ବୋଲି ଭାବି ନିଜେ ଗାଁକୁ ଯାଇ ଟିକି ଅପାକୁ ଦେବି ବୋଲି ମନସ୍ଥ କଲି । ସେ ଦିନ ସକାଳୁ ଉଠି ଗାଁକୁ ଯିବାକୁ ପ୍ରସ୍ତୁତ ହଉଥାଏ। ଅପା ପାଇଁ ନୂଆ ଶାଢ଼ୀ ଶଙ୍ଖା ଆହୁରି କେତେ କଣ ମୁଁ ତା ବାହାଘର ପାଇଁ ନେଇଥିଲି । ଯିବାବେଳେ ଭାବୁଥାଏ ଏବେ ଆଉ ଅପାକୁ ଶ୍ରମିକ ହୋଇ କାମ କରିବାକୁ ପଡ଼ିବନି କାରଣ ତାର ଭାଇ ଆଜି ଚାକିରୀ ପାଇଯାଇଛି, ଏବେ ସବୁ କିଛି ଠିକ ହୋଇଯିବ... ଏମିତି କେତେ କଣ ମୁଁ ଭାବୁଥାଏ ଆସିଲା ବେଳେ । ଗାଁକୁ ଯାଇ ଦେଖିଲି ଆମ ଘର ଆଗରେ ମେଞ୍ଚାଏ ଲୋକ ଘେରି ଛିଡା ହୋଇଛନ୍ତି। ସମସ୍ତଙ୍କ ଶୋକାକୁଳ ମୁହଁ ଦେଖି ମୁଁ ଆଉ କିଛି ନ ଭାବି ଘର ଭିତରକୁ ପସି ଦେଖେ ତ ଟିକି ଅପା ତାର ଅନ୍ତିମ ଶଯ୍ୟା ରେ ଶୋଇ ଯାଇଛି । ସେଦିନ କେତେ ଯେ ତାକୁ ଡାକିଛି... କିନ୍ତୁ ସେ ଆଉ ମୋର ଡାକ ଶୁଣିଲା ନାହିଁ । ଗାଁ ସାହି ପଡିଶା କୁହା କୁହି ହେଉଥାନ୍ତି :- ଝିଅଟା କେତେ ଆଉ ସହିଥାନ୍ତା, କାହିଁ କେତେ ଠୁ ରୋଗରେ ସଡୁଛି, ଭଲ ହୋଇଛି ଚାଲିଗଲା...ଭଗବାନ ବୋଧେ ତାର ଦୁଃଖ ଆଉ ସାହି ନ ପାରି ତାଙ୍କ ପାଖକୁ ତାକୁ ନେଇଗଲେ...।

ଆଉ ସେବେଠୁ ମୁଁ ଜମିଦାର ବାବୁଙ୍କ ପାଖରୁ ଅପା ରସେ ଶେଷ ସନ୍ତକ ମୁଦି ତାକୁ ଆଣି ସାଇତି ରଖିଛି...।

ଭାବିଥିଲି ଝିଅ କୁନିକୁ ବାହାଘରରେ ଦେବି କିନ୍ତୁ....

ସଞ୍ଜୟ ବାବୁଙ୍କଠୁ ଏପରି ଏକ ଦୁଖଃଦ କାହାଣୀ ଶୁଣି ସ୍ତ୍ରୀ ଆଉ ଝିଅଙ୍କ ମୁହଁ ଲୁହରେ ଭିଜି ଯାଇଥିଲା ।

+ ସୋର, ବାଲେଶ୍ୱର
ମୋ: ୭୮୭୩୧୮୯୬୯୫

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ନାରୀର ଖାଦ୍ୟଶୈଳୀ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ,୨୩/୦୮ (ନି.ପ୍ର): ନାରୀ ସମାଜ ନିର୍ମାଣ ଓ ସମାଜ କଲ୍ୟାଣର ମୂଳପିଣ୍ଡ । ନାରୀଟିଏ ସୁସ୍ଥ ରହିଲେ ରାଷ୍ଟ୍ର ଉତ୍ତମ ନାଗରିକ ପାଇବାରେ ସଫଳ ହୋଇଥାଏ । ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ ଜରିଆରେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ, ଖାଦ୍ୟ ଶୈଳୀ ଓ ଅପ୍ରାପ୍ତ ବୟସରେ ଅପ୍ରାକୃତିକ ଭାବରେ ଆସୁଥିବା ରୋଗ ବ୍ୟାଧିର କାରଣ ଓ ତାର ନିରାକାରଣ ସମ୍ବନ୍ଧରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କଳ୍ପନା ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ସ୍ତ୍ରୀ ରୋଗ ବିଶେଷଜ୍ଞ ଡ ମନୀଷା ମେଘ ପୁଷ୍ପା ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଦିଗରେ ନାରୀମାନେ ସଚେତନ ରହିଲେ ସଂସାର ନିରୋଗ ଓ ସୁନ୍ଦର ରହିବ ବୋଲି ମତ ବ୍ୟକ୍ତ କରିବା ସହିତ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ ଅଭୟ କୁମାର ଦାସ, ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ମନୋଜ କୁମାର ସାହୁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଆରତୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଜ୍ୟୋସ୍ନାରାଣୀ ଲେଙ୍କା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜିକା ଅଧ୍ୟାପିକା ଡ ବସୁମତୀ ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟାପିକା ପ୍ରିୟ ଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରି କରିଥିଲେ । ଅଧ୍ୟାପିକା ଆଭାମୟୀ ମହାପାତ୍ର, ସୁବାସିନୀ ସେଠୀ, ଆରତୀ ଜେନା ମଧୁବ୍ରତା ମଲ୍ଲିକ, ଅମୃତା ମହାନ୍ତି, ଅର୍ପିତା ନାୟକ, ପ୍ରମିଳା ଜେନା, ଡ ଶୁଭଶ୍ରୀ ବେହେରା, ଡ ସଂଗୀତା ଦାସ, ମନୋରମା ସ୍ୱାଇଁ, ପୁଷ୍ପଲତା ଧଳ, ଅନୀତା ବାରିକ, ଗୀତାଞ୍ଜଳି ସାହୁ, ସୀତା ମଣୀ ମହାନ୍ତି, ସ୍ନିଗ୍ଧାରାଣୀ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଛାତରୁ ଖସିଲା କଂକ୍ରିଟ: ଅଳ୍ପକେ ବର୍ତ୍ତିଲେ ରୋଗୀ; ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

ମାଲକାନଗିରି,୨୩/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଆଜି ଏକ ଅଘଟଣ ଯୋଗୁଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ରୋଗୀମାନେ ବସିଥିବା ସମୟରେ ହଠାତ୍ ଚିକିତ୍ସାଳୟ ଛାତରୁ ବଡ଼ ବଡ଼ କଂକ୍ରିଟ ଖଣ୍ଡ ଖସିଥିବା ଜଣାପଡ଼ିଛି। ସୌଭାଗ୍ୟବଶତଃ ଏଥିରେ କୌଣସି ରୋଗୀ କିମ୍ବା ସମ୍ପର୍କୀୟ ଆହତ ହୋଇନଥିବା ଜଣାପଡ଼ିଛି।

ଘଟଣାସ୍ଥଳରେ ଛାତରୁ ଖସିଥିବା ସିମେଂଟ ଓ ପ୍ଲାଷ୍ଟରର ଭଙ୍ଗା ଅବଶେଷ ଚଟାଣ ଉପରେ ପଡ଼ିଥିବା ଦେଖାଯାଇଛି। ଛାତର ଏକ ଅଂଶର ପ୍ଲାଷ୍ଟର ଖସିଯିବା ଯୋଗୁଁ ଭିତର ଗଠନ ମଧ୍ୟ ଦୃଶ୍ୟମାନ ହେଉଛି। ଏହାକୁ ନେଇ ଚିକିତ୍ସାଳୟ ଭବନର ରକ୍ଷଣାବେକ୍ଷଣ ଓ ରୋଗୀଙ୍କ ସୁରକ୍ଷା ସମ୍ପର୍କରେ ଚିନ୍ତା ପ୍ରକାଶ ପାଇଛି।

ମାଥିଲି ଭଳି ଦୁର୍ଗମ ଅଂଚଳର ଲୋକଙ୍କ ପାଇଁ ଏହି ଚିକିତ୍ସାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରତିଦିନ ଏଠାକୁ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଚିକିତ୍ସାଳୟ ପରିସରରେ ସୁରକ୍ଷିତ ପରିବେଶ ନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ। ଏଭଳି ସ୍ଥିତିରେ ଚିକିତ୍ସାଳୟ ଭବନର ଛାତ, ପ୍ଲାଷ୍ଟର ଓ ଅନ୍ୟାନ୍ୟ ଦୁର୍ବଳ ଅଂଶର ତୁରନ୍ତ ବୈଷୟିକ ଯାଂଚ୍ କରାଯାଇ ଆବଶ୍ୟକ ମରାମତି କରିବାକୁ ଦାବି ହୋଇଛି। ବିଶେଷକରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଯେଉଁ ସ୍ଥାନରେ ବସୁଛନ୍ତି, ସେଠାରେ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଆବଶ୍ୟକ ହେଲେ ଅସୁରକ୍ଷିତ ଅଂଚଳକୁ ସାମୟିକ ଭାବେ ବନ୍ଦ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ରୋଗୀଙ୍କ ଜୀବନ ଓ ସୁରକ୍ଷା ସର୍ବୋପରି ହୋଇଥିବାରୁ ଘଟଣାକୁ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସେଲ୍, ଆର.ଏସ.ପି ର ସମସ୍ତ ବିଭାଗରେ 'ମୋ କ୍ଷେତ୍ର, ମୋ ଦାୟିତ୍ୱ' ସୁରକ୍ଷା ଆପ୍‌ର ପ୍ରଚଳନ



ରାଉରକେଲା,୨୩/୦୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ନିଜର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କାରଖାନା ର ସମସ୍ତ ବିଭାଗରେ 'ମୋ କ୍ଷେତ୍ର , ମୋ ଦାୟିତ୍ୱ' ସୁରକ୍ଷା ଆପ୍‌ର ବ୍ୟାପକ ବ୍ୟବହାର ଆରମ୍ଭ କରିଛି। ଏହି ଆପ୍‌ଟି ସି ଆଣ୍ଡ ଆଇ.ଟି ଏବଂ ଡିଜିଟାଲାଇଜେସନ୍ ବିଭାଗ ଦ୍ୱାରା ମିଳିତ ଭାବରେ ବିକଶିତ କରାଯାଇଛି। ସୁରକ୍ଷା ସମ୍ବନ୍ଧୀୟ ନିରୀକ୍ଷଣ ଏବଂ ଅସୁରକ୍ଷିତ ପରିସ୍ଥିତିର ସହଜ ସୂଚନା/ରିପୋର୍ଟ ପ୍ରଦାନ ପାଇଁ ପ୍ରଥମେ ନ୍ୟୁ ପ୍ଲେଟ୍ ମିଲ୍ ବିଭାଗରେ ଏହି ଆପ୍ ବିକଶିତ ଓ କାର୍ଯ୍ୟକାରୀ କରାଯାଇଥିଲା। ଏହାର ସଫଳ କାର୍ଯ୍ୟକାରିତା ପରେ, ଏହି ପଦକ୍ଷେପକୁ ଏବେ ଆର.ଏସ.ପି ର ସମସ୍ତ ବିଭାଗକୁ ପ୍ରସାରିତ କରାଯାଇଛି। ଅଗଷ୍ଟ ୨୧ ତାରିଖରେ ସମାଗମ କନଫରେନ୍ସ ହଲ୍ ଠାରେ ଏହି ଆପ୍ ସମ୍ପର୍କରେ ଏକ ସଚେତନତା ଓ ପରିଚିତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ - (ଏନ.ପି.ଏମ ଏବଂ ଡିଜିଟାଲାଇଜେସନ୍) ଶ୍ରୀ ଆର. କେ. ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଏବଂ ଅଗ୍ନିଶମ ସେବା) ଶ୍ରୀ ହୀରାଲାଲ ମହାପାତ୍ର; ବିଭାଗୀୟ ମୁଖ୍ୟ (ସୁରକ୍ଷା ବିଭାଗ) ଶ୍ରୀ ଅବକାଶ ବେହେରା; ଏବଂ ମହାପ୍ରବନ୍ଧକ, ପ୍ରଭାରୀ (ସି ଆଣ୍ଡ ଆଇ. ଟି) ଶ୍ରୀମତୀ ସୁମିତା ଭଟ୍ଟାଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରତିନିଧିମାନଙ୍କୁ ଆପ୍‌ର ବିଭିନ୍ନ ବୈଶିଷ୍ଟ୍ୟ ଏବଂ ବ୍ୟବହାର ବିଷୟରେ ସଚେତନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଦେବା ଏବଂ ସେଗୁଡ଼ିକର ସମୟସୀମା ମଧ୍ୟରେ ସମାଧାନ କରିବାରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀମତୀ ଭଟ୍ଟାଚାର୍ଯ୍ୟ ଏବଂ ଶ୍ରୀ ମୁଦୁଲିଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ସି ଆଣ୍ଡ ଆଇ. ଟି ର ଉପ ମହାପ୍ରବନ୍ଧକ - ଶ୍ରୀ ଭି. ପି. ଆର୍ଯ୍ୟ ଏବଂ ଡିଜିଟାଲାଇଜେସନ୍ ବିଭାଗର ସହକାରୀ ପ୍ରବନ୍ଧକ ଶ୍ରୀ ଅଭିଷେକ ବେହେରାଙ୍କ ଦ୍ୱାରା ଏହି ଆପ୍‌ର ପରିକଳ୍ପନା ଓ ବିକାଶ କରାଯାଇଥିଲା। ଆପ୍‌କୁ ଡାଉନଲୋଡ୍ ଏବଂ ବ୍ୟବହାର କରିବା ପାଇଁ ଆର.ଏସ.ପି ପୋର୍ଟାଲରେ ଏକ କ୍ୟୁ.ଆର କୋଡ୍ ଉପଲବ୍ଧ କରାଯିବ, ଯାହା ଦ୍ୱାରା ପ୍ଲାଣ୍ଟର କର୍ମଚାରୀମାନେ ସୁରକ୍ଷା ନିରୀକ୍ଷଣ ରିପୋର୍ଟ କରିବା ପାଇଁ ସୁବିଧାରେ ଏହି ଆପ୍‌କୁ ବ୍ୟବହାର କରିପାରିବେ। ଏହି ପଦକ୍ଷେପ ସୁରକ୍ଷା ପରିଚାଳନା କ୍ଷେତ୍ରରେ ଏକ କାଗଜବିହୀନ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବ। ଏହି ଆପ୍‌ର ବ୍ୟାପକ ପ୍ରସାର ସକ୍ରିୟ ସୁରକ୍ଷା, କର୍ମଚାରୀଙ୍କ ଭାଗିଦାରୀ ଏବଂ କାର୍ଯ୍ୟସ୍ଥଳୀ ସୁରକ୍ଷାର ନିଜସ୍ୱ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଆର.ଏସ.ପି ର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ଏହି ସରଳ ତଥା ପ୍ରଭାବଶାଳୀ ନୀତିକୁ ଆହୁରି ସୁଦୃଢ଼ କରୁଛି ଯେ 'ମୋ କ୍ଷେତ୍ର ହିଁ ମୋ ଦାୟିତ୍ୱ।'

# ସେଲ୍, ଆରଏସପି-ର ଇସ୍ପାତ୍ ଜେନେରାଲ ହସ୍ପିଟାଲର ଆଇସିୟୁରେ ୨୩ ଦିନ ରହିବା ପରେ ମୁଣ୍ଡରେ ଗୁରୁତର ଆଘାତ ପାଇଥିବା ୫୫ ବର୍ଷୀୟ ରୋଗୀ, ଆରୋଗ୍ୟ



ରାଉରକେଲା,୨୩/୦୮ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଅଧୀନସ୍ଥ ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଜଣେ ଗୁରୁତର ଆହତ ୫୫ ବର୍ଷୀୟ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କର ସଫଳ ଚିକିତ୍ସା କରିଛନ୍ତି, ଯାହାଙ୍କୁ ଅର୍ଦ୍ଧ-ସଚେତନ ଅବସ୍ଥାରେ ଏବଂ ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ସହ ହସ୍ପିଟାଲକୁ ଅଣାଯାଇଥିଲା। ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର ପରେ ଆଇସିୟୁ ଏବଂ ପୁନରୁଦ୍ଧାର ଚିକିତ୍ସା ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଛି ଏବଂ ୨୩ ଦିନର ହସ୍ପିଟାଲ ରହଣି ପରେ ଏବେ ତାଙ୍କୁ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି। ଶ୍ରୀ ବିରଞ୍ଚି ନାରାୟଣ ସାହୁ ଜୁଲାଇ ୧୯ ତାରିଖ ରେ ରାଉରକେଲାର ସିଭିଲ୍ ଟାଉନସିପ୍ ଠାରେ ଏକ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ମସ୍ତିଷ୍କର ସିଟି ସ୍କାନ୍‌ରୁ ଜଣାପଡ଼ିଥିଲା ଯେ ମସ୍ତିଷ୍କ ଉପରେ ପ୍ରଚୁର ରକ୍ତ ଜମାଟ ବାନ୍ଧିବା ସହ ଗୁରୁତର ଆଘାତ ଲାଗିଛି। ପରବର୍ତ୍ତୀ ସମୟରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆଇଜିଏଚ୍‌କୁ ରେଫର୍ କରାଯାଇଥିଲା। ଆଇଜିଏଚ୍‌ରେ ପହଞ୍ଚିବା ପରେ ରୋଗୀଙ୍କୁ ତୁରନ୍ତ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇ ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା। ସିନିୟର କନ୍‌ସଲଟାଣ୍ଟ ନିଉରୋସର୍ଜନ ଡାକ୍ତର ମନୋଜ କୁମାର ଦେଓ ଏହି ଅସ୍ତ୍ରୋପଚାର କରିଥିଲେ, ଯେଉଁଥିରେ ଆନେସ୍ଥେସିଆର ଅତିରିକ୍ତ ସିଏମଓ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ସହଯୋଗ କରିଥିଲେ। ନର୍ସିଂ ଅଫିସର ଲିପିକା ଅସ୍ତ୍ରୋପଚାର ସମୟରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଦୀର୍ଘ ଦିନ ଧରି ଆଇସିୟୁ ଏବଂ ଭେଣ୍ଟିଲେଟର ସପୋର୍ଟର ଆବଶ୍ୟକତା ପଡ଼ିଥିଲା। ସିଷ୍ଟର ସାଇନି ଜର୍ଜଙ୍କ ନେତୃତ୍ୱରେ ଆଇସିୟୁ ଟିମ୍, ନର୍ସିଂ ଏବଂ କ୍ରିଟିକାଲ୍ କେୟାର ଷ୍ଟାଫ୍ ରୋଗୀଙ୍କର ଏହି ସଙ୍କଟାପନ୍ନ ପର୍ଯ୍ୟାୟରେ ନିରନ୍ତର ନଜର ଓ ସେବା ପ୍ରଦାନ କରିଥିଲେ। ଧୀରେ ଧୀରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାକୁ ଲାଗିଲା। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ସଫଳତାର ସହ କାଢ଼ି ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଶ୍ୱାସକ୍ରିୟାକୁ ସହଜ କରିବା ପାଇଁ ଏକ ଅସ୍ଥାୟୀ ଟ୍ରାକିଓଷ୍ଟୋମି କରାଯାଇଥିଲା। ଆହୁରି ସୁଧାର ଆସିବା ପରେ ତାଙ୍କୁ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ଦିନଗୁଡ଼ିକରେ ତାଙ୍କର ଚେତା ବା ସଂଜ୍ଞା ସ୍ତରରେ ନିରନ୍ତର ସୁଧାର ଘଟିଥିଲା। ସେ ସାଧାରଣ ନିର୍ଦ୍ଦେଶ ବୁଝିବା, ସମ୍ପର୍କୀୟଙ୍କ ସହ କଥାବାର୍ତ୍ତା କରିବା ଏବଂ ପାଟିରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲେ। ସେ ନିଜେ ସଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ଏବଂ ସ୍ୱାଧୀନ ଭାବେ ଶ୍ୱାସକ୍ରିୟା କରିବାରେ ସମର୍ଥ ହେବା ପରେ ଅସ୍ଥାୟୀ ଟ୍ରାକିଓଷ୍ଟୋମିକୁ ସଫଳତାର ସହ ବାହାର କରିଦିଆଯାଇଥିଲା। ଗୌରୀ, ମାନସିନୀ, ମନୀଷା, ନମିତା, ପ୍ରିୟଙ୍କା ଏବଂ ଅନ୍ୟାନ୍ୟ ନିଷ୍ଠାପର ନର୍ସିଂ ଷ୍ଟାଫଙ୍କୁ ନେଇ ଗଠିତ ୱାର୍ଡ ନର୍ସିଂ ଟିମ୍ ତାଙ୍କ ସୁସ୍ଥ ହେବା ପ୍ରକ୍ରିୟା ସାରା ସେବା ଓ ସହାୟତା ଜାରି ରଖିଥିଲେ। ଦୀର୍ଘଦିନର ଗୁରୁତର ଅସୁସ୍ଥତା ପରେ ରୋଗୀଙ୍କୁ ପୁନର୍ବାର ଶକ୍ତି ଓ ଚଳପ୍ରଚଳ କ୍ଷମତା ଫେରାଇ ଆଣିବାରେ ବ୍ୟକ୍ତିଗତ ଫିଜିଓଥେରାପି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଶ୍ରୀ ପ୍ରେମାନନ୍ଦ ସ୍ୱାଇଁ ଏବଂ ତାଙ୍କ ଟିମ୍ ଫିଜିଓଥେରାପି ସେବା ଯୋଗାଇ ଦେଇଥିଲେ। ୨୩ ଦିନର ହସ୍ପିଟାଲ ରହଣି ପରେ ଶ୍ରୀ ସାହୁ ସମ୍ପୂର୍ଣ୍ଣ ଚେତା ଫେରି ପାଇଛନ୍ତି, ସାଧାରଣ ନିର୍ଦ୍ଦେଶ ବୁଝିପାରୁଛନ୍ତି, ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ଜଣେ ବ୍ୟକ୍ତିଙ୍କ ସହାୟତାରେ ଚାଲିପାରୁଛନ୍ତି। ଏବେ ତାଙ୍କୁ ଉନ୍ନତ ସ୍ୱାସ୍ଥ୍ୟାବସ୍ଥାରେ ଡିସଚାର୍ଜ କରିବାକୁ ଯୋଜନା କରାଯାଇଛି। ଏହି ଘଟଣାଟି ଗୁରୁତର ମୁଣ୍ଡରେ ଆଘାତ ଚିକିତ୍ସାରେ ସମୟୋଚିତ ଜରୁରୀକାଳୀନ ପଦକ୍ଷେପ, ଉନ୍ନତ କ୍ରିଟିକାଲ୍ କେୟାର, ନିଷ୍ଠାପର ନର୍ସିଂ ଏବଂ ଯୋଜନାବଦ୍ଧ ପୁନରୁଦ୍ଧାର ଚିକିତ୍ସାର ଗୁରୁତ୍ୱକୁ ଦର୍ଶାଉଛି। ଆଇଜିଏଚ୍‌ର ନିଉରୋସର୍ଜରୀ, ଆନେସ୍ଥେସିଆ, ଆଇସିୟୁ, ନର୍ସିଂ ଏବଂ ଫିଜିଓଥେରାପି ଟିମ୍‌ର ସମନ୍ୱିତ ପ୍ରଚେଷ୍ଟା ରୋଗୀଙ୍କ ସୁସ୍ଥ ହେବାରେ ଉଲ୍ଲେଖନୀୟ ଅବଦାନ ପକାଇଛି। ଏହି ସଫଳ ପରିଣାମ ରୋଉରକେଲାର ଇସ୍ପାତ୍ ଜେନେରାଲ ହସ୍ପିଟାଲରେ ଜଟିଳ ଏବଂ ଜୀବନପ୍ରତି ବିପଦ ଥିବା ଆଘାତପ୍ରାପ୍ତ ମାମଲାଗୁଡ଼ିକର ପରିଚାଳନାରେ ବହୁବିଧ ଚିକିତ୍ସା ସେବା ର ଗୁରୁତ୍ୱକୁ ପ୍ରତିଫଳିତ କରୁଛି।

# ରାସ୍ତାରେ ବିରାଟ ଗର୍ତ୍ତ: ବିପଦରେ ଜନସାଧାରଣ

ହରିଚନ୍ଦନପୁର,୨୩/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ଗ୍ରାମର ବାଲିସାହି ଠାରୁ ତମ୍ଭାହରା ଜଳବୁଡ଼ି ସାହି ଦେଇ ବାଲିପୋଷି ଗ୍ରାମକୁ ଯାଇଥିବା ପିଚୁ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଂଚିଛି। ବାତ୍ୟା ଓ ପ୍ରବଳ ବର୍ଷାରେ ଧୋଇ ହୋଇ ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇପଡ଼ିଛି। ଏହି ରାସ୍ତା ଉପରେ ବାଲିସାହି, ତମ୍ଭାହରା, ଜଳବୁଡ଼ି ସାହି ସମେତ ବାଲିପୋଷି ଓ ଆଖପାଖ ଅଂଚଳର ଲୋକମାନେ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ସମୟରେ ଗର୍ତ୍ତ ଗୁଡ଼ିକରେ ପାଣି ଜମି ରହୁଥିବାରୁ ରାସ୍ତାର ପ୍ରକୃତ ଅବସ୍ଥା ଜଣାପଡୁନାହିଁ। ଫଳରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାତ୍ୟା ପରେ ତମ୍ଭାହରା ଜଳବୁଡ଼ି ସାହିଠାରୁ ବାଲିପୋଷି ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇଛି। ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ମରାମତି ହୋଇନାହିଁ। ଦୀର୍ଘଦିନ ଧରି ରାସ୍ତା ଖାଲଖମାରେ ପରିଣତ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁନଥିବା ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଜରୁରୀ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଯାନବାହନ ଯାତାୟାତରେ ମଧ୍ୟ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀ, ଚାକିରିଜୀବୀ, ଚାଷୀ ଓ ସାଧାରଣ ଲୋକେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ରାସ୍ତା ମରାମତି ନହେଲେ ଆଗାମୀ ଦିନରେ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି।ଏନେଇ ଅଂଚଳବାସୀ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ନିକଟରେ ତୁରନ୍ତ ରାସ୍ତାର ଗର୍ତ୍ତ ଗୁଡ଼ିକ ପୋତିବା ସହ ଆବଶ୍ୟକ ସ୍ଥାନରେ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି। ଲୋକଙ୍କ ଦାବି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସମସ୍ୟାର ସମାଧାନ କଲେ ଅଂଚଳବାସୀଙ୍କ ଯାତାୟାତରେ ସୁବିଧା ହୋଇପାରନ୍ତା। ତେବେ ଏତେ ବଡ଼ ବଡ଼ ଖାଲଖମା ହେବା ପରେ ମଧ୍ୟ ପ୍ରଶାସନର ନଜର କାହିଁକି ପଡୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ୨୫ତମ ଟାଏକୋଣ୍ଡୋ କଲର ବେଲ୍ଟ ଓ ୬ତମ ବ୍ଲାକ ବେଲ୍ଟ ପରୀକ୍ଷା ଅନୁଷ୍ଠିତ

କନ୍ଧମାଳ,୨୩/୦୮ (ନି.ପ୍ର): ଚଳିତ ଅଗଷ୍ଟ ମାସ ୨୨ ତାରିଖରେ କରୋନେସନ ପଡ଼ିଆ ସ୍ଥିତ ଆଥଲେଟିକ ଇଣ୍ଡୋର ହଲ ଠାରେ ୨୫ତମ ଟାଏକୋଣ୍ଡୋ କଲର ବେଲ୍ଟ ଓ ୬ଷ୍ଠ ବ୍ଲାକ ବେଲ୍ଟ ପରୀକ୍ଷା କନ୍ଧମାଳ ଜିଲ୍ଲା ଟାଏକୋଣ୍ଡୋ ସଂଘ ଓ ଫୁଲବାଣୀ ମାର୍ଟିଲ ଆର୍ଟ୍ସ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୩୩ଜଣ ଖେଳାଳି ଧଳା ବେଲ୍ଟରୁ ନାଲି ବେଲ୍ଟ, କଲର ବେଲ୍ଟ ଓ ୫ଜଣ ବ୍ଲାକ ବେଲ୍ଟ ପରୀକ୍ଷା ଦେଇଥିଲେ। ଓଡିଶା ଟାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ମାଷ୍ଟରଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ପରୀକ୍ଷା ପରିଚାଳନା ସହ ତଦାରଖ କରିଥିଲେ। ଏକେଡେମୀ ସିନିୟର କୋଚ ଶ୍ରୀ ରମାକାନ୍ତ ବେହେରା ଓ ଶ୍ରୀ ମଦନ ଦଳବେହେରା ଓ ପ୍ରିତମ ଚନ୍ଦ୍ର ପ୍ରଧାନ ପରୀକ୍ଷାରେ ସଫଳତା ପାଇଁ ସହଯୋଗ କରିଥିଲେ।

# କବିପୁତ୍ର ଭଗବାନ ମେହେରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,୨୩/୦୮ (ନି.ପ୍ର): ଓଡିଶାର ଲୋକପ୍ରିୟ ପ୍ରକୃତି -କବି ଗଙ୍ଗାଧର ମେହେରଙ୍କ ସୁଯୋଗ୍ୟ ପୁତ୍ର ନୀରବ ସାହିତ୍ୟ ସାଧକ ଭଗବାନ ମେହେରଙ୍କ ୧୩୫ ତମ ଜୟନ୍ତୀ ବରପାଲିସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତରିକତାର ସହିତ ପାଳିତ ହୋଇ ଯାଇଛି। ବରପାଲିରେ ନାରୀ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବାରେ ଭଗବାନ ମେହେରଙ୍କ ଶ୍ରେଷ୍ଠ ଅବଦାନ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆଲୋକପାତ କରିଥିଲେ। ସେ ସ୍ୱାଧୀନତା ପରବର୍ତ୍ତୀ କାଳର ଗ୍ରାମ ପୁନର୍ଗଠନ ପର୍ଯ୍ୟାୟରେ ବରପାଲିକୁ କିପରି ଏକ ଆଦର୍ଶ ଗ୍ରାମରେ ପରିଣତ କରିଥିଲେ, ନିଜେ ନୀରବ ସାଧନାରେ ମଗ୍ନ ହେବା ସହିତ ଗଙ୍ଗାଧର ସାହିତ୍ୟର ପ୍ରସାର ତଥା ଗଙ୍ଗାଧର ସ୍ମୃତି ପୂଜାର ପ୍ରେରଣାପୂର୍ଣ୍ଣ କେନ୍ଦ୍ର ଭାବରେ ବରପାଲିକୁ ସାହିତ୍ୟ ତୀର୍ଥରେ ପରିଣତ କରିଥିଲେ, ସେଇ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁସ୍ମିତା ପୁରୋହିତ ଛାତ୍ରୀମାନଙ୍କୁ କବିପୁତ୍ର ଭଗବାନ ମେହେରଙ୍କ ଜୀବନୀ, ସାହିତ୍ୟ ସାଧନା ଓ ସଂଘର୍ଷମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ତାଙ୍କ ଆଦର୍ଶ ଓ ସଂଘର୍ଷରୁ ଛାତ୍ରୀମାନେ ପ୍ରେରଣା ନେବାକୁ ସେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମେହେର କବିପୁତ୍ରଙ୍କର ବିଦ୍ୟାଳୟ ପ୍ରତି ଥିବା ଅବଦାନ ଓ ତାଙ୍କ ଶିକ୍ଷାନୁରାଗ ସମ୍ପର୍କରେ ଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ଶ୍ରୀ ଗୋବର୍ଦ୍ଧନ ସାହୁ, ଶ୍ରୀ ଚୈତନ୍ୟ ଲୁହା, ଶ୍ରୀ ଜଗବନ୍ଧୁ ସାହୁ, ଶ୍ରୀ ଦିବାକର ଦାଣ୍ଡିଆ, ଶ୍ରୀ ସନ୍ତୋଷ ନାୟକଙ୍କ ସମେତ ଶ୍ରୀମତୀ ସ୍ୱାତୀ ସୁଚରିତା ବାରିକ, ଶ୍ରୀମତୀ କିରନମୟୀ ପଣ୍ଡା, ଶ୍ରୀମତୀ ଭାଗ୍ୟବତୀ ମାଝୀ, କୁମାରୀ ପ୍ରତିମା ପଧାନ, କୁମାରୀ ସୁପ୍ରଭା ବାରିକ, ଶ୍ରୀମତୀ ସୁବର୍ଣ୍ଣ ମେହେର ଓ ଶ୍ରୀମତୀ ସଂଯୁକ୍ତା ବାଗଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ କୁମାରୀ ପ୍ରାଚୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗା ବ୍ରିଜ୍, ବିପର୍ଯ୍ୟସ୍ତ ସଡ଼କ: ତୁରନ୍ତ ମରାମତି ଦାବି

ଝାରସୁଗୁଡା,୨୩/୦୮ (ନି.ପ୍ର): ଲଇକେରା ବ୍ଲକ ଅଂଚଳରେ ବିପର୍ଯ୍ୟସ୍ତ ସଡ଼କ, ଭଙ୍ଗା ବ୍ରିଜ୍ ଏବଂ ବର୍ଷାଜନିତ କ୍ଷୟକ୍ଷତିର ଶିକାର ପରିବାରଙ୍କୁ ସହାୟତା ମିଳୁନଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶନିବାର ଲଇକେରା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନିକ ଅବହେଳା ଏବଂ ବିଧାୟକଙ୍କ କାର୍ଯ୍ୟଶୈଳୀକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା। ସମ୍ମିଳନୀରେ କୁହାଯାଇଥିଲା ଯେ, ଗତବର୍ଷ ପ୍ରବଳ ବର୍ଷା ଯୋଗୁଁ ଲଇକେରା ବ୍ଲକର ପାକେଲପଡ଼ା, ତିଲେଇମାଲ, ଜାମମାଲ ଆଦି ଅଂଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଅନେକ ପରିବାରଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ବିଧାୟକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ ଦୀର୍ଘ ସମୟ ପରେ ମଧ୍ୟ ଅନେକ କ୍ଷତିଗ୍ରସ୍ତ ଚାଷୀ ଓ ପରିବାର ସରକାରୀ ସହାୟତା କିମ୍ବା କ୍ଷତିପୂରଣରୁ ବଞ୍ଚିତ ଅଛନ୍ତି। ସେହିପରି ରେଙ୍ଗାଲବେଡ଼ାରୁ ବାଗଡିହି ଶିବମନ୍ଦିର ନିକଟସ୍ଥ ଆରଏମସି ମାର୍କେଟିଂ ରୋଡ୍, ଡୁମେରମୁଣ୍ଡା-ସାନଝୁରିଆମ୍ ବାଇପାସ୍ ଏବଂ କୁଲେମୁରା-ମୁଦ୍ରାଜୋର ବ୍ରିଜ୍ର ଦୁରବସ୍ଥା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଗତବର୍ଷ ବର୍ଷାରେ କୁଲେମୁରା-ମୁଦ୍ରାଜୋର ବ୍ରିଜ୍ ଭୁଶୁଡ଼ି ପଡ଼ିବା ପରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଥିବା କୁହାଯାଇଥିଲା। ବ୍ରିଜ୍ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ବର୍ଷେ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଜନପ୍ରତିନିଧି ଓ ବିଜେଡି କର୍ମକର୍ତ୍ତାମାନେ ପ୍ରଶାସନିକ ଅଧିକାରୀମାନେ କାଗଜପତ୍ରରେ ସୀମିତ ନରହି ଘଟଣାସ୍ଥଳ ପରିଦର୍ଶନ କରି ତୃଣମୂଳସ୍ତରର ବାସ୍ତବ ସ୍ଥିତି ଅନୁଧାନ କରିବାକୁ ଦାବି କରିଥିଲେ। ଏଥିସହ ବିପର୍ଯ୍ୟସ୍ତ ସଡ଼କ ଓ ଭଙ୍ଗା ବ୍ରିଜ୍ର ତୁରନ୍ତ ମରାମତି, କୁଲେମୁରା-ମୁଦ୍ରାଜୋର ବ୍ରିଜ୍ର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ଏବଂ ବର୍ଷାଜନିତ କ୍ଷତିର ଶିକାର ପରିବାରଙ୍କୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ରଖାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଲଇକେରା ବ୍ଲକ ଉପାଧକ୍ଷ ସଞ୍ଜିତ ନାୟକଙ୍କ ସମେତ ଅନିଲ ନାୟକ, କଲିମ୍ ଖାନ୍, ଭୋପାଳ ବେହେରା, ସବିତା ବାଗ, ଅଶୋକ ମାଝୀ, ଅଶ୍ୱିନ ବେହେରା, ଉମାଶଙ୍କର ପ୍ରଧାନ, ଜିତେନ ରଣା, ସୂରଜ ନାୟକ, ଦୁର୍ଗା ନାୟକ, ଦୋଳଗୋବିନ୍ଦ ନାୟକ, ପ୍ରଦୀପ ପଟେଲ, ଲିଙ୍ଗରାଜ ସାହୁ, ବୁଲୁ ସାହୁ, ଉପେନ୍ଦ୍ର, ବିନୋଦ ପଟେଲ, ପ୍ରଦୀପ ନାୟକ, ଅଶୋକ ପଟେଲ, ଭାଗବତୀ ବେହେରା ଓ ମହେନ୍ଦ୍ର ମହାନନ୍ଦଙ୍କ ସମେତ ବହୁ ଜନପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ଅଭିଯାନ: ଛାତ୍ର ଛାତ୍ରୀ ନିଶାମୁକ୍ତ ପାଇଁ ଶପଥ ନେଲେ

ଭୁବନ,୨୩/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ପୋଲିସ ପକ୍ଷରୁ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଅନ୍ତର୍ଗତ ଭୁଷଳ ପିଏମ ଶ୍ରୀ ସ୍ୱାମୀ ତ୍ରିଗୁଣାନନ୍ଦ ସରସ୍ୱତୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଅଭିଯାନରେ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ଯୋଗଦେଇ ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ କୁପ୍ରଭାବ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ପାନ, ଗୁଟଖା, ବିଡି, ସିଗାରେଟ୍ ସେବନ ଦ୍ୱାରା ଅନେକ ଲୋକ ମୁଖ ଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ମଦ୍ୟପାନ ଦ୍ୱାରା ଲିଭର ନଷ୍ଟ ହେଉଛି । ନିଶାଡି ମାନେ ଅବେଳରେ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି ବୋଲି କହିବା ସହ ନିଶା ଠାରୁ ଦୂରେଇ ରହିବା ଓ ପରିବାର ଏବଂ ପଡ଼ୋଶୀରେ ପରିବର୍ତ୍ତନର ଦୂତ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।

# ରିଲିଫଂକୁ ନେଇ ବିଜେପିର ଦୁଇ ଗୋଷ୍ଠୀ ମୁହାଁମୁହିଁ

## ଥାନାରେ ପୃଥକ ପୃଥକ ମାମଲା, ଉଭୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲିଆପାଳ , ୨୩/୮ (ନି.ପ୍ର): ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ ତଥା ଭୋଗରାଇ ବ୍ଲକର ପ୍ରଭୁତ କ୍ଷତି ହୋଇଛି। ବର୍ତ୍ତମାନ ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡି ନଥିବା ବେଳେ ଏବେ ବି ଲୋକେ ବନ୍ୟାର ତାଡାନାରେ ଛଟପଟ ହେଉଛନ୍ତି । ଅନ୍ୟ ପଟରେ ବାଲିଆପାଳରେ ଏକ ରିଲିଫ ସାମଗ୍ରୀକୁ କେନ୍ଦ୍ର କରି ଶାସକ ବିଜେପି ଦଳର ଦୁଇ ଗୋଷ୍ଠି ନେତା ମୁହାଁ ମୁହାଁ ଏବଂ ହାତା ହାତି ପରିସ୍ଥିତି ହେବା ପରେ ଉଭୟ ପକ୍ଷରୁ ଥାନାରେ ପୃଥକ ପରଥକ ମାମାଲ ରୁଜ୍ଜୁ କରିବା ଏବଂ ନିଜର ପକ୍ଷ ରଖିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟିକରଣ ରଖିବା ଘଟଣା ଏବେ ସାମାଜିକ ଗଣମାଧ୍ୟମ ରେ ଉଠୁଛି ପଡୁଛି । ଘଟଣା ଘଟିଛି ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଏବଂ ଏକଦା ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ଥିବା ବାଲିଆପାଳ ପଞ୍ଚାୟତର ସରପଞ୍ଚ ଙ୍କ ସ୍ୱାମୀ ତଥା ବିଜେପି ନେତା ହେମନ୍ତ ଦାସ ଙ୍କ ଗୋଷ୍ଠି ମଧ୍ୟରେ । ଯାହା ଏବେ ସାଧାରଣ ଲୋକଙ୍କ ରାଜନୈତିକ ଚର୍ଚ୍ଚାର ଖୋରାକ ପାଲଟିଛି । ମିଳିଥିବା ସୂଚନା ମୂତାବକ ଶନିବାର ରାତିରେ ଏକ ଟ୍ରକ ସାହାଯ୍ୟରେ ରିଲିଫ ସାମଗ୍ରୀ ଆସି ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ପାରୁଳିଆ ଛକ ନିକଟସ୍ଥ ବାସଭବନରେ ଅନଲୋଡ୍ କରାଯାଉଥିଲା। ଏହି ସମୟରେ ହେମନ୍ତ ଦାସ ତାଙ୍କ ଅନ୍ୟ ସମର୍ଥକ ମାନଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ଚୋରି ସାମଗ୍ରୀ ଥିବା କହି ଅଟକାଇବା ସହିତ ହୋହାଲ୍ଲା କରିଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇ ଉଭୟ ପକ୍ଷଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ବାଲିଆପାଳ ପୋଲିସ ଖବର ପାଇ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ବାଲିଆପାଳ ଥାନାକୁ ନେଇଥିଲା। ଆଜି ଏ ସମ୍ପର୍କରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗତକାଲିର ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏହି ରିଲିଫ ସାମଗ୍ରୀ ବାଲେଶ୍ୱର ସାଂସଦଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱର ରାମକୃଷ୍ଣ ମିଶନରୁ ବନ୍ୟା ପ୍ରଭାବିତ ଦୁଇ ବ୍ଲକ ପାଇଁ ରିଲିଫ ସାମଗ୍ରୀ ଆସିଥିଲା। ବାଲିଆପାଳ ବ୍ଲକ ପାଇଁ ଆସିଥିବା ଏକ ହଜାର ପେକେଟ ରିଲିଫ ସାମଗ୍ରୀ ଗଚ୍ଛିତ ରଖାଯାଇ ଟ୍ରକଟି ଭୋଗରାଇ ଯିବାର ଥିଲା। ମାତ୍ର ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ଦାସ ତାଙ୍କ ସମର୍ଥକ ମାନଙ୍କ ସାହାଯ୍ୟରେ ରିଲିଫ ସାମଗ୍ରୀ ଯୋର ଯବରଦସ୍ତ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ବୋଲି ଶ୍ରୀ ଅଣ୍ଡିଆ କହିଛନ୍ତି। ତେବେ ଏଠାରେ ସୂଚନା ଥାଉକି ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ଏକାନ୍ତ ଅନୁଗତ ଥିଲେ। କୌଣସି ଏକ କାରଣ ପାଇଁ ବିଗତ କିଛି ମାସ ପୂର୍ବରୁ ଶ୍ରୀ ଦାସ ଏବଂ ଶ୍ରୀ ଅଣ୍ଡିଆଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। ପରିସ୍ଥିତି ଏମିତି ହେଲାଣି ଯେ କଥା ହାତାହାତି ପର୍ଯ୍ୟନ୍ତ ପହଞ୍ଚିଛି। ତେବେ ଗତକାଲିର ଘଟଣା ପରେ ଉଭୟ ପକ୍ଷରୁ ଥାନାରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇ ଥିବା ଜଣାପଡିଛି। ରିଲିଫ ସାମଗ୍ରୀ ଛଡାଇ ନେବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଅଣ୍ଡିଆ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ବାଲିଆପାଳ ସରପଞ୍ଚ ବନଲତା ଦାସ, ତାଙ୍କ ସ୍ୱାମୀ ହେମନ୍ତ ଦାସ ଏବଂ ତାଙ୍କ ସମର୍ଥକ ମାନେ ପଞ୍ଚାୟତ କାର ?୍ୟାଳୟରେ ଆଉ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ସ୍ୱଷ୍ଟୀକରଣ ରଖି ବନ୍ୟାରେ ବାଲିଆପାଳ ପଞ୍ଚାୟତ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକେ ରିଲିଫ ସାମଗ୍ରୀ ଦେଖି ତାଙ୍କ ପଞ୍ଚାୟତ କୁ କଣ ପାଇଁ ରିଲିଫ ଦିଆଯିବ ନାହିଁ ବୋଲି କହି ପ୬ଶ୍ନବ କରୁଥିବା ବେଳେ ଶ୍ରୀ ଅଣ୍ଡିଆ ଏବଂ ତାଙ୍କର ସମର୍ତକ ମାନେ ଉତ୍ୟକ୍ତ ହୋଇ ଲୋକଙ୍କୁ ମାଡମାରିଥିବା କହିଛନ୍ତି । ଯାହାକୁ ନେଇ ବାଲିଆପାଳରେ ବିଜେପି ରାଜନୀତି ଏକ ପ୍ରକାର ରୋଚକ ସ୍ଥିତିରେ ପହଞ୍ଚିଛି।

## ମିତ୍ରପୁର ବ୍ଲୁ-ଲେକ୍‌ରୁ ୨ ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର: ବ୍ଲୁ - ଲେକ୍‌ରେ ୧୬୩ ବିଏନଏସଏସ ଜାରି କଲା ପ୍ରଶାସନ



ନୀଳଗିରି, ୨୩/୮ (ନି.ପ୍ର): ଦୀର୍ଘ ୨୪ଘଣ୍ଟା ପରେ ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ନୀଳଗିରି ବ୍ଲକ ମିତ୍ରପୁର ନିକଟରେ ଥିବା ବ୍ଲୁ ଲେକ୍‌ରେ ଗତ ଶନିବାର ଦିନପ୍ରାୟ ୧୦ଟା ସମୟରେ ୩ଜଣ ସାଙ୍ଗ ଗାଧୋଇବା ପାଇଁ ଆସିଥିଲେ। ଦୁଇ ଜଣ ସାଙ୍ଗ ଭିତରକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ୟଜଣେ ସାଙ୍ଗ ପହଁରା ଶିଖିନଥିବା କାରଣରୁ ଆଡ଼ିରେ ବସି ରହିଥିଲା। ତେବେ ଗାଧୋଇବା ସମୟରେ ଗୋଡଖସି ଯାଇଥିବା ବେଳେ ୨ଜଣ ଗଭୀରପାଣିରେ ବୁଡ଼ି ଯାଇଥିଲେ। ଛାତ୍ରମାନେ ହେଲେ ରେମୁଣା କଲେଜରେ ଅଧ୍ୟୟନ କରୁଥିବା ଛାତ୍ର ତଥା କେନ୍ଦୁଝର ଜିଲ୍ଲା ଆର୍ତ୍ତୁକଣା ଅଞ୍ଚଳର ରୋଶନ ନାୟକ(୧୮), ଫକୀରମୋହନ ସ୍ୱୟଂଶାସିତ କଲେଜର ଯୁକ୍ତଦୁଇ ଦ୍ୱିତୀୟବର୍ଷ ବାଣିଜ୍ୟବିଭାଗ ଛାତ୍ର ତଥା ବାରିପଦାର ଭବିଷ୍ୟ ପାତ୍ର(୧୭) ଏବଂ ଉକ୍ତ କଲେଜର ତାଙ୍କ ସହପାଠୀ ତଥା ଭଦ୍ରକ ଜିଲ୍ଲା ଅପର୍ତ୍ତିବିନ୍ଧା ଅଞ୍ଚଳର ଅଂଶୁମାନ ପାତ୍ର(୧୮) ।ଏହି ୩ସାଙ୍ଗ ରିଲ୍ସ ଭିଡ଼ିଓ ସୁଟ୍ କରିବାପରେ ଭବିଷ୍ୟ ଓ ଅଂଶୁମାନ ଗାଧୋଇବା ପାଇଁ ପାଣିକୁ ପଶିଯାଇ ଗୋଡ଼ ଖସିଯିବାରୁ ସେମାନେ ଜଳରାଶି ଭିତରକୁ ପଶି ଯାଇଥିଲେ। ବାଲେଶ୍ୱରରୁ ଓଡ୍ରାଫ୍ଟ ଟିମ୍ ଓ ଅଗ୍ନିଶମ ବାହିନୀ ନିଖୋଜ ଦୁଇଛାତ୍ରଙ୍କୁ ଖୋଜିବାରେ ବ୍ୟସ୍ତ ରହିଥିଲେ। ରବିବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ଛାତ୍ର ଭବିଷ୍ୟ ଓ ଅଂଶୁମାନଙ୍କ ମୃତଦେହ ଗଭୀର ପାଣିରୁ ଉଦ୍ଧାର କରାଯାଇଛି। ପରେ ନୀଳଗିରି ଥାନା ପକ୍ଷରୁ ୫୦/୨୬ ଓ ୫୧/୨୬ ଅପମୃତ୍ୟ ମାମଲା ରୁଜୁ କରାଯାଇ ବାଲେଶ୍ୱର ମେଡିକାଲରେ ଶବବ୍ୟବଚ୍ଛେଦ ପରେ ଦୁଇ ପରିବାରକୁ ଶବ ହସ୍ତାନ୍ତର କରାଯାଇଛି। ଖବରଲେଖିବା ବେଳକୁ ନୀଳଗିରି ପ୍ରଶାସନ ପକ୍ଷରୁ ବ୍ଲୁଲେକରେ ୧୬୩ ବିଏନ.ଏସ. ଧାରା ଜାରି କରିଥିବାର ସୁଚନା ମିଳିଛି।

## ଶୁକଦେଈ ସଂସ୍କୃତ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




ବାସୁଦେବପୁର , ୨୩/୮ (ନି.ପ୍ର): ଶୁକଦେଈ ସଂସ୍କୃତ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ନବାଗତ ଶାସ୍ତ୍ରୀ ଓ ଉପଶାସ୍ତ୍ରୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ସିମୁଳିଆ ବ୍ଲକର ବିରଞ୍ଚି ପୁର ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ମହା ବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ପଣ୍ଡା। ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ଗଙ୍ଗାଧର ଦାଶ, ଅଧ୍ୟାପକ ଗଦାଧର ପଣ୍ଡା, ଅଧ୍ୟାପକ ରତ୍ନାକର ମିଶ୍ର,ଅଧ୍ୟାପକ ସତ୍ୟେନ୍ କୁମାର ମିଶ୍ର,ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା ଓ ଅଧ୍ୟାପକ ଗଗନ ବିହାରୀ ରାଉତ। ସମସ୍ତ ଅତିଥି ଶିକ୍ଷା, ଧର୍ମ, କଳା, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବେଦ ପାଠ କରିଥିଲେ ଅଧ୍ୟାପକ ରତ୍ନାକର ମିଶ୍ର। ମହା ବିଦ୍ୟାଳୟର ଶାସ୍ତ୍ରୀ ବର୍ଷର ଛାତ୍ରୀ ଅହଲ୍ୟା ଗନ୍ତାୟତ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ‘ହର୍ମୁଜ ଆମେରିକାର....

ସେ କହିଥିଲେ ଯେ ସେ ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥକୁ ଆମେରିକାର ଅଞ୍ଚଳ ଭାବରେ ଘୋଷଣା କରିବେ। ଇରାନର ବନ୍ଦ ଘୋଷଣା ସତ୍ତ୍ୱେ, ଗତ କିଛି ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ଜାହାଜ ସଂଖ୍ୟା ବୃଦ୍ଧି ପାଇଛି। ବ୍ରିଟେନର ସାମୁଦ୍ରିକ ବାଣିଜ୍ୟ ପର୍ଯ୍ୟବେକ୍ଷକଙ୍କ ତଥ୍ୟ ଅନୁଯାୟୀ, ଗତ ସପ୍ତାହରେ ପ୍ରାୟ ୨୦୦ ଜାହାଜ ପ୍ରଣାଳୀ ଦେଇ ପରିବହନ କରିଥିଲେ। ପୂର୍ବ ସପ୍ତାହରେ ଏହି ସଂଖ୍ୟା ପ୍ରାୟ ୧୫୦ ଏବଂ ତା ପୂର୍ବରୁ ପ୍ରାୟ ୪୦ ଥିଲା।

### ବନ୍ୟାଞ୍ଚଳରୁ ଛାଡ଼ିନି ...

ସୁବର୍ଣ୍ଣରେଖାରେ ବନ୍ୟା ପାଣିରେ ଏବେ ବି ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ହଜାର ହଜାର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ଭୋଗରାଇ ବ୍ଲକର ପ୍ରାୟ ୧୨ଟି ପଂଚାୟତ ପାଣି ଘେରରେ ରହିଛି। ଯୁଆଡେ ଚାହିଁବ ଖାଲି ପାଣି ଆଉ ପାଣି। କେଉଁଟା ରାସ୍ତା, କେଉଁଟା ପୋଖରୀ, କେଉଁଟା ଚାଷ ଜମି ତାହା ଜାଣିବା ମୁସ୍କିଲ ହୋଇପଡିଛି। ପାଣି କମୁଥିବାବେଳେ ଭାଂଗି ପଡିଥିବା ଘର ଦେଖି ଗୁମୁରି କାନ୍ଦୁଛନ୍ତି ବିପନ୍ନ। ଚାଷୀ ମୁଣ୍ଡରେ ହାତ ଦେଇଛି। ସୁବର୍ଣ୍ଣରେଖା ନଈ ଫୁଲିବା ପରେ ବାଲିଆପାଳ ବ୍ଲକର ୧୫ଟି ପଂଚାୟତରେ ପାଣି ପଶିଥିଲା। ଜଳସ୍ତର କମିବା ପରେ ଘରକୁ ଫେରୁଛନ୍ତି ଲୋକେ। ଘର ସଜାଡ଼ିବାରେ ଲାଗିଛନ୍ତି। ହେଲେ, ଆଉ ଏକ ଲଘୁଚାପ କଥା ଶୁଣି ଆତଙ୍କିତ ହୋଇ ପଡିଛନ୍ତି ଘାଇ ମୁହଁରେ ପଡୁଥିବା ଗ୍ରାମବାସୀ। ବନ୍ୟାରେ ଚଳିତ ବର୍ଷ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ। କାଳ ସାଜିଛି କାଣୀ ଓ ବୈତରଣୀ ନଈ। ବାରମ୍ବାର ବନ୍ୟା ଆସି ଉଜାଡି ଦେଇଛି ଚାଷ ଜମି। ଶହ ଶହ ଘର ଭାଂଗିଛି। ସେପଟେ ବରୀ ଅଂଚଳର ବହୁ ଗାଁ ଏବେ ବନ୍ୟା ପାଣି ଘେରରେ ରହିଛି। ବନ୍ୟା ବିପନ୍ନଙ୍କ ଭରସା ସାଜିଛି କଦଳୀ ଭେଳା। ଉତ୍ତରଓଡ଼ିଶା ପରେ ଦକ୍ଷିଣଓଡ଼ିଶାରେ ଲଗାଣ ବର୍ଷା। କଳାହାଣ୍ଡି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଛି। ହାତୀ ଓ ଇନ୍ଦ୍ରାବତୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ହାତୀ ଡ୍ୟାମରୁ ପ୍ରଥମ ବନ୍ୟା ଜଳ ନିଷ୍କାଷିତ ହୋଇଛି। ଲଗାଣ ବର୍ଷାରେ ଭାଂଗିଛି ଘର୍ଲା ଜୋର ଆପ୍ରୋଚ ପୋଲ, ଠପ୍ ହୋଇଛି କଲମପୁର-ଜୁନାଗଡ଼ ଯାତାୟତ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବଡ...

ବାରମ୍ବାର ସେହି ପରୀକ୍ଷାଗୁଡ଼ିକ ଆଉ କରିବାକୁ ପଡ଼ିବ ନାହିଁ। ଏଥିସହ ସାମାନ୍ୟ ଜ୍ୱର ହେଉ କି ଥଣ୍ଡା, ଡାକ୍ତରଙ୍କ ପରାମର୍ଶ ନନେଇ ମେଡିସିନ ଷ୍ଟୋରରୁ ଆଣ୍ଟିବାୟୋଟିକ କିଣାଯାଉଛି। ସ୍ୱାସ୍ଥ୍ୟ ବିଭାଗ ସଚେତନ କଲେ ମଧ୍ୟ ତାହା ବ୍ୟାପକ ହେଉନି। ତେଣୁ ଆପ ଦ୍ୱାରା କେଉଁଠି, କେଉଁ ଡାକ୍ତର, କେଉଁ ରୋଗ ପାଇଁ କେଉଁ ଆଣ୍ଟିବାୟୋଟିକ୍ ଲେଖିଲେ, ତାହା ଠିକ୍ କି ନାହିଁ ଜଣା ପଡିବ। ଯାହାଦ୍ୱାରା ଆଣ୍ଟିବାୟୋଟିକ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇ ପାରିବ। ଏଥି ସହ ଆପ କହିବ ନିକଟରେ କେଉଁଠି ମେଡିସିନ ଷ୍ଟୋର, ପରୀକ୍ଷା କେନ୍ଦ୍ର, ଡାକ୍ତରଖାନା ଅଛି। ଯାହା ସହଜ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ। ତେବେ କେତେଦୂର ଏହି ଆପ ରୋଗୀଙ୍କୁ ସହାୟ ହେଉଛି ତାହା ଦେଖିବାକୁ ବାକି ରହିଲା

### ମହିଳା ସଂରକ୍ଷଣ ଓ ‘ବନ୍ଦେ ମାତରମ୍’ ପ୍ରସଙ୍ଗରେ...

ଭାରତୀୟ ସଂସ୍କୃତି ଓ ସନାତନ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ସ୍ମୃତି କହିଛନ୍ତି ଯେ, ଆମର ଧର୍ମ କେବଳ ‘ଯେଉଁଠି ନାରୀଙ୍କୁ ପୂଜା କରାଯାଏ, ସେଠାରେ ଦେବତା ବାସ କରନ୍ତି’ ନୀତିରେ ସୀମିତ ନୁହେଁ, ବରଂ ଆମେ ମା’ ଭଗବତୀ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଭଳି ଦେବୀମାନଙ୍କୁ ସର୍ବୋଚ୍ଚ ସ୍ଥାନ ଦେଇ ପୂଜା କରୁ । ନାରୀ ସମ୍ମାନ ଓ ଭାରତୀୟ ପରମ୍ପରା ପ୍ରସଙ୍ଗକୁ ନେଇ ଉଭୟ ବିଜେପି ଓ କଂଗ୍ରେସ ମଧ୍ୟରେ ଏହି ମୁହାଁମୁହିଁ ରାଜନୀତିକ ମାହୋଲକୁ ବେଶ୍ ସରଗରମ କରିଛି ।

### ବର୍ଷା ଓ ବନ୍ୟା ପାଇଁ ୩ ...

ସେହିପରି ୧୦ରୁ ଅଧିକ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ପାଇଁ କେବଳ ସୁନ୍ଦରଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ଜାରି ରହିଛି। କୋରାପୁଟରେ ଗତ ୨୪ ଘଣ୍ଟା ମଧ୍ୟରେ ୯୮୫.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏ ନେଇ ସୂଚନା ଦେଇଛି ଜିଲ୍ଲା ଜରୁରୀକାଳୀନ ବିଭାଗ। ଜିଲ୍ଲାର ସିମିଳିଗୁଡା ବ୍ଲକରେ ସର୍ବାଧିକ ୧୪୪.୬ ମିଲିମିଟର ବର୍ଷା ହୋଇଥିବା ବେଳେ କୋଟପାଡ଼ ବ୍ଲକରେ ୭୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ଜୟପୁର ବ୍ଲକରେ ୭୬.୮ ମିଲିମିଟର ଏବଂ କୋରାପୁଟ ସଦର ମହକୁମାରେ ୭୧.୮ ମିଲିମିଟର ବର୍ଷା ରେକର୍ଡ ହୋଇଛି।

## ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା



ବୈଶିଙ୍ଗା, ୨୩/୮ (ନି.ପ୍ର): ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନମ୍ବରଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮.୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି ।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ । ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣ ରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ । ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି । ବିଭାଗୀୟ ଅଧିକାରୀ ଙ୍କ ନଜର ପଡୁ ନାହିଁ କି ରାଜନେତା ଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ ଗୋଟି ପଞ୍ଚାୟତ ର ୫୦୦୦ ହଜାର ରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳା ଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।

## ମୋ ଭାରତ କେନ୍ଦ୍ର ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ, ରକ୍ତ ଦାନ ଶିବିର ଓ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର, ୨୩/୮ (ନି.ପ୍ର): ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ ଓ ତ୍ରିରଙ୍ଗା ଯାତ୍ରା ସହ ଅଗଷ୍ଟ ପନ୍ଦର ରେ ରକ୍ତ ଦାନ କାର୍ଯ୍ୟକ୍ରମ ଜିଲ୍ଲା ଯୁବ ଅଧିକାରୀ ଫୁଆଦ ମହମଦଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହେଇ ଯାଇଛି, ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ମୁନସିପାଲିଟି ଚେୟାରମେନ ଶ୍ରୀମତୀ ସବିତା ସାହୁ ଯୋଗ ଦାନ କରି ଉଦବୋଧନ ଦେଇ ଥିବା ବେଳେ, ଅନ୍ୟ ତମ ଅଥିତି ଭାବେ ଚିନ୍ମୟ ମିଶନ ର ମୁଖ୍ୟ ସ୍ୱାମୀ ବ୍ରମହଚାରୀ ଅଗସ୍ତ୍ୟ ଚୈତନ୍ୟ ଯୋଗ ଦେଇ ଛାତ୍ର ଛାତ୍ରୀ କୁ ଉଦବଧନ ଦେବା ସହ ଆଧାମ୍ବିକ ମାର୍ଗ ର ପ୍ରେରନା ଦେଇ ଥିଲେ ମୋ ଭାରତ ହିସାବ ରକ୍ଷକ ଅଧିକାରୀ ଅମୀରନ ରାଉତ ଯୋଗ ଦେବା ସହ ମୋ ଭାରତ କେନ୍ଦ୍ର ଯୁବ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ କୋର୍ଡ଼ିନେଟର ବିକ୍ରମ ବାରିକ କାର୍ଯ୍ୟକ୍ରମ କୁ ସୁଚାରୁରୂପେ ତୁଲେଇ ଥିଲେ, ଏହି ସ୍ୱଚ୍ଛ ଭାରତ ଅଭିଯାନ ରେଳ ଷ୍ଟେସନ, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଜିଲ୍ଲା କାରାଗାର, ଉପ ଜିଲ୍ଲା କାରାଗାର ରେ ମଧ୍ୟ ଅନୁଷ୍ଠିତ ହୋଇ ଥଲା, ପରି ଶେଷ ରେ ମନ ରଞ୍ଜନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରା ଯାଇଥିଲା ମୋ ଭାରତ ସ୍ୱେଚ୍ଛାସେବୀ ଅଭିଜିତ ବେହେରା, ପ୍ରିୟଙ୍କା ଦାସ,ଜୟସ୍ମିତା ବେହେରା, ବିଭୁତି ଭୂଷଣ ତ୍ରିପାଠୀ,ଖକନ ବେରା, ଦୀପଶିଖା ଘଡେଇ, ରୁଦ୍ର ନାରାୟଣ ସିଂ, ଶୁଭମ ସିଂହ,ସମୟଶ୍ରୀ ପାତ୍ର ଶୁଭ ଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ ପ୍ରମୁଖ ଯୋଗ ଦାନ କରିଥିଲେ।

## ବନ୍ୟା ପ୍ରପୀଡ଼ିତ ପାଇକସିଦା ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ



ଜଳେଶ୍ୱର, ୨୩/୮ (ନି.ପ୍ର): ସମ୍ପ୍ରତି ବନ୍ୟାରେ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳ ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ, ପାଇକସିଦା ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ପରିବାରମାନଙ୍କ ପାଖରେ ପହଞ୍ଚିଛି କଂଗ୍ରେସ ।ଆଜି ପାଇକସିଦା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଦଳ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ଯୁବ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡ଼ାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳ ପାଇକସିଦା ପଞ୍ଚାୟତର ବନ୍ୟାଞ୍ଚଳ ବୁଲି ଦେଖିବା ସହ ପ୍ରଭାବିତ ପରିବାରମାନଙ୍କୁ ସହାୟତା ପ୍ରଦାନ କରିଥିଲେ ।ଏହି ସମୟରେ ନେତୃବୃନ୍ଦ କହିଥିଲେ ଯେ, ବନ୍ୟା ଯୋଗୁଁ ଅଞ୍ଚଳବାସୀଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି ।ଏଭଳି ଦୁର୍ଦ୍ଦିନରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କ ସୁଖ-ଦୁଃଖରେ ସାମିଲ ହେବା କଂଗ୍ରେସର ନୈତିକ ଦାୟିତ୍ୱ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ମାନବିକତା ଦେଖାଇବା ଏବଂ ବିପଦ ସମୟରେ ସେବା ଯୋଗାଇଦେବା ହିଁ ପ୍ରକୃତ ଜନସେବା। ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ମନୋଜ ପରିଡ଼ା, ଜଗନ୍ନାଥ ରାଉଳ, ଅଙ୍କିତ କୁମାର ପରିଡ଼ା, ଅଜିତ୍ କୁମାର ସେଠୀ, ବୁଦ୍ଧିଆ ଦଳେଇ, ଜଗନ୍ନାଥ ଜେନା, ମନ୍ମଥ ଦଳେଇ, ଶିବ ପ୍ରଧାନ, ସୁରତ ନାୟକ, ବରେନ୍ଦ୍ର ବେହେରା, ପ୍ରଭାକର ପାଳ ଓ ଦିବାକର ପାଳଙ୍କ ସମେତ ବହୁ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ସହାୟତା ପ୍ରଦାନରେ ସକ୍ରିୟ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳର ପରିସ୍ଥିତି ଉପରେ କଂଗ୍ରେସ ନଜର ରଖିବ ଏବଂ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି ଦଳୀୟ ନେତୃବୃନ୍ଦ ପ୍ରକାଶ କରିଛନ୍ତି।

## ବନ୍ୟା ବିପନ୍ନଙ୍କୁ ସରକାରଙ୍କର ଉପେକ୍ଷା : କଂଗ୍ରେସର ସାମ୍ବାଦିକ ସମ୍ମିଳନୀ




ଲଙ୍ଗଳେଶ୍ୱର ୨୩/୮(ନିପ୍ର) ବନ୍ୟା ବିପନ୍ନଙ୍କୁ ସରକାରଙ୍କ ଅସହଯୋଗ ପ୍ରତିବାଦରେ ରବିବାର ଲଙ୍ଗଳେଶ୍ୱର ଠାରେ ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନ୍ୟା ବିପନ୍ନଙ୍କୁ ମୁଠାଏ ମୁଠାଏ ଚୁଡ଼ା ଟିକିଏ ଗୁଡ଼ ଦେଇ ହାତ ବାନ୍ଧି ବସି ଯାଇଛି ପ୍ରଶାସନ ।ପ୍ରଶାସନର ପ୍ରହସନକୁ ବରଦାସ୍ତ କରାଯିବ ନାହିଁ,ବନ୍ୟା ନିୟନ୍ତ୍ରଣ ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନାର କାର୍ଯ୍ୟକାରିତା, ନଦୀ କୂଳକୁ ସୁଦୃଢ କରିବା, ବିପନ୍ନଙ୍କୁ ୧୫ ଦିନର ରିଲିଫ ଦେବା, କୃଷକମାନଙ୍କର ଋଣ ଛାଡ଼, ଜଳକା ନଦୀ ଦ୍ୱାରା ବସ୍ତା ବ୍ଲକର ୯ ଟି, ସୁବର୍ଣ୍ଣରେଖା ନଦୀରେ ବାଲିଆପାଳ ବ୍ଲକରେ ୨୨ଟି ପଞ୍ଚାୟତର ଶତାଧିକ ଗାଁ ପ୍ରଭାବିତ ହୋଇଛି। ସରକାରଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା ରାଶି ପ୍ରଦାନ ନକରାଗଲେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀ ରେ ବସ୍ତା ନିର୍ବାଚନ ମଣ୍ଡଳୀର ନେତା ବିଜନ ନାୟକ, ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୁରୋଲୀ ମୋହନ ସାହୁ, ଦେଉଳା ସରପଞ୍ଚ ସରୋଜ ପିଳା,ବଣିଆଡିହା ସରପଞ୍ଚ କାଳିଚରଣ ଜେନା, ଜଗତ ଜୀବନ ଦାସ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ସାମନ୍ତ, ବଣିଆଡିହା ପଞ୍ଚାୟତର କଂଗ୍ରେସ ସଭାପତି କମଳାକାନ୍ତ ଦାସ, କଂଗ୍ରେସ ଦଳର ଉପସଭାପତି ଗୋପାଳ ଦାସ, ରାଜେନ୍ଦ୍ର ଧଳ,ଏସକେ କମୁରୁଦ୍ଦିନ , ପ୍ରଦୀପ ଜେନା, ଅମୂଲ୍ୟ ପଟ୍ଟାୟତ,ଏସ କେ ବାବୁ, ଅକ୍ଷୟ ଜେନା,ସାତୁକ ରାଉଳ, ପ୍ରିୟବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ଘେରରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲେ ରେମୁଣା ବିଧାୟକ

ରେମୁଣା, ୨୩/୮ (ନି.ପ୍ର): ଲଗାତାର ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଅନେକ ଗ୍ରାମ ଏବେ ମଧ୍ୟ ପାଣି ଘେରରେ ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ରେମୁଣା ନିର୍ବାଚନ ମଣ୍ଡଳୀର ରସାଳପୁର ପଞ୍ଚାୟତ ଅନ୍ତର୍ଗତ ନଦୀଗାଁରେ ସକାଳ ପ୍ରାୟ ୧୦ ଘଟିକା ସମୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ପହଞ୍ଚି ପାଣି ଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବନ୍ୟା ପାଣି ହ୍ରାସ ପାଇଥିଲେ ମଧ୍ୟ ଅନେକ ପରିବାର ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ସେମାନଙ୍କ ଦୈନିକ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଏହି ପରିସ୍ଥିତିରେ ପ୍ରଭାବିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ବିଧାୟକ ଶ୍ରୀ ଦାସଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅବସରରେ ବିଧାୟକ କହିଥିଲେ ଯେ, ଆଗାମୀ ଦିନରେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ଏବଂ ସେମାନଙ୍କ ଅସୁବିଧା ଦୂର କରିବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ



ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ସରପଞ୍ଚ ହରିପଦ ବେହେରା, ପଞ୍ଚାୟତ ସଭାପତି ଆଲୋକ କୁମାର ଜୀ, ଅଜୟ ନାୟକ, ପ୍ରତାପ ଚନ୍ଦ୍ର ନାୟକ, ମାନସ ଦାସଙ୍କ ସହିତ ଅନ୍ୟାନ୍ୟ ସ୍ଥାନୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ଉଦ୍ଧାର ଶିଶୁକୁ ପରିବାର ନିକଟକୁ ଫେରାଇଲା ଆଶା ସ୍ୱେଚ୍ଛାସେବୀ ସଂଗଠନ


ବସ୍ତା, ୨୩/୮ (ନି.ପ୍ର): ମାନବିକତା ଓ ସାମାଜିକ ଦାୟିତ୍ୱର ଏକ ଉଦାହରଣ ସୃଷ୍ଟି କରିଛି ଆଶା ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଏଲିନା ଏଲିସା ଥିରୋପ୍ୟୁଟିକ ସେଣ୍ଟର, ବାହାଗାଡ଼ିଆ, ନାଳଗଜା ମୟୁରଭଞ୍ଜ ପକ୍ଷରୁ ଜଣେ ଉଦ୍ଧାର ଶିଶୁକୁ ତାଙ୍କ ପରିବାର ନିକଟକୁ ସୁରକ୍ଷିତ ଭାବେ ଫେରାଇ ଦିଆଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ୧୮ ଅଗଷ୍ଟ ୨୦୨୬ ରେ ଶିଶୁଟିକୁ ସି ସି ଆଇ,ଆରଡିଏସି, ବାରିପଦାରୁ ଉଦ୍ଧାର କରାଯାଇ ଥେରା ପ୍ୟୁଟିକ ଯତ୍ନ,ପୁନର୍ବାସନ ଓ ଆବଶ୍ୟକ ସହାୟତା ପାଇଁ ଏଲିନା ଏଲିଶା ଥେରାପ୍ୟୁଟିକ ସେଣ୍ଟର କୁ ଅଣାଯାଇଥିଲା।କେନ୍ଦ୍ର ପକ୍ଷରୁ ଶିଶୁଟିର ପରିବାର ସମ୍ବନ୍ଧୀୟ ତଥ୍ୟ ଓ ଠିକଣା ଖୋଜିବା ସହ ଆବଶ୍ୟକ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଶିଶୁଟିର ପରିବାର ହିଡ଼ିଗାଁ, ଚାନ୍ଦିପୁର, ବାଲେଶ୍ୱର ଅଞ୍ଚଳର ବୋଲି ନିଶ୍ଚିତ ହୋଇଥିଲା। ପରବର୍ତ୍ତୀ ସମୟରେ ୨୧ ଅଗଷ୍ଟ ୨୦୨୬ ରେ ଶିଶୁଟିକୁ ତାଙ୍କ ମାଆଙ୍କ ଉପସ୍ଥିତିରେ ତାଙ୍କ ନିଜ ଘରେ ପରିବାର କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଥିଲା। ଏଲିନା ଏଲିଶା ଥେରାପ୍ୟୁଟିକ୍ ସେଣ୍ଟରର ପ୍ରକଳ୍ପ ସଂଯୋଜକ ଏନ୍.ଏସ. ଚିରଞ୍ଜିବ ଜେନା ଏବଂ ଫିଜିଓଥେରାପିଷ୍ଟ ଅମର



ମହାରଣାଙ୍କ ଉପସ୍ଥିତିରେ ଏହି ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ହସ୍ତାନ୍ତର ସମୟରେ ଆବଶ୍ୟକ ଦଲିଲପତ୍ର ଯାଞ୍ଚ କରାଯିବା ସହ ଅଭିଭାବକଙ୍କଠାରୁ ଆବଶ୍ୟକୀୟ ପ୍ରମାଣପତ୍ର ଗ୍ରହଣ କରାଯାଇଥିଲା। ଏଥିସହ ଆଶା ଅର୍ଗାନାଇଜେସନର ସମ୍ପାଦକ ଡ଼.ଅମର କୁମାର ପାଳଙ୍କ ନିର୍ଦ୍ଦେଶ କ୍ରମେ ଶିଶୁର ପରିବାରକୁ ଆବଶ୍ୟକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା।ଏହି ମାନବୀୟ ପଦକ୍ଷେପରେ ଡିଏସଏସଓ ମୟୁରଭଞ୍ଜ, ଆଶା ଅର୍ଗାନାଇଜେଶନ ଏବଂଏଲିନା ଥେରାପେଉଟିକ ସେଣ୍ଟରର ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହଯୋଗ, ନିର୍ଦ୍ଦେଶନା ଓ ମାର୍ଗଦର୍ଶନ ଯୋଗୁଁ ଶିଶୁଟି ପୁନର୍ବାର ନିଜ ପରିବାରର ସ୍ନେହ, ଯତ୍ନ ଓ ସୁରକ୍ଷା ମଧ୍ୟରେ ଫେରିପାରିଛି। "ଜଣେ ଶିଶୁକୁ ତାଙ୍କ ପରିବାର ନିକଟକୁ ସୁରକ୍ଷିତ ଭାବେ ଫେରାଇ ଦେବା ହେଉଛି ଆମର ସବୁଠାରୁ ବଡ଼ ସନ୍ତୋଷ ଓ ସଫଳତା", ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ନିରଂଜନଙ୍କ ଦୁଃଖ: ପୁରା ପରିବାର ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାବେଳେ ପରିବାରର ମୁଖ୍ୟଙ୍କୁ ମିଳୁନି ସାମାଜିକ ସୁରକ୍ଷା

ଉଦଳା , ୨୩/୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ନିରଂଜନ ନାଏକଙ୍କର ପରିବାର ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନବିତାଇବାକୁ ବାଧ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର କଥା ନିରଂଜନ ଗଣମାଧ୍ୟମକୁ ଜଣାଇଛନ୍ତି । ପରିବାରର ମୋଟ ସଦସ୍ୟ ୭ଜଣ ଥିବା ବେଳେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା



ଚାଉଳ ପାଇପାରୁନଥିବାର ନିରଂଜନ କହିଛନ୍ତି । ସେହିପରି ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ନିରଂଜନଙ୍କୁ ବର୍ତ୍ତମାନ ବୟସ ୬୫ ବର୍ଷ ଛୁଇଁଲା । କିନ୍ତୁ ସାମାଜିକ ସୁରକ୍ଷା ଯୋଜନାରେ ସେ ଭତା ପାଇପାରୁନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ଏପରିକି କିଛି ମାସ ପୁର୍ବରୁ ନିରଂଜନଙ୍କ ମା' ପୁନି ନାଏକଙ୍କର ଦେହାନ୍ତ ହେଲା । ଏତିକିବେଳେ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଟଙ୍କା ମଧ୍ୟ ମିଳିନଥିଲା ବୋଲି ନିରଂଜନ କହିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ

ଖୋରଧା , ୨୩/୮ (ନି.ପ୍ର): ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଉପାୟୁକ୍ତ ଭୁବନେଶ୍ୱର କମିଶନରେଟ ପୋଲିସ୍ ଶ୍ରୀ ସୁନାରାମ ହେମ୍ବ୍ରମ୍, ଉପ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଅବନିକାନ୍ତ ନାୟକ, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଚନ୍ଦ୍ରକାନ୍ତ ଦଳାଇ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ କାରଖାନା, ଚିକିତ୍ସାଳୟ, ବିଦ୍ୟାଳୟ ମାନଙ୍କରେ ଯେଭଳି ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚିତ ଭାବରେ ମହଜୁଦ ଥାଏ ସେଥି ପ୍ରତି ଅଗ୍ନିଶମ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଧ୍ୟକ୍ଷ ଖୋରଧା ଜିଲ୍ଲା ରେ ଥିବା ମୋଟ ଛୋଟ ମୋଟ ୮୫୫ ଶିଳ୍ପ କାରଖାନାର ସଙ୍କଟ ଜନିତ ପରିଚାଳନା ସମୀକ୍ଷା କରି ଉପଖଣ୍ଡ ସ୍ତରୀୟ ସଙ୍କଟ ପରିଚାଳନା କମିଟି ଆୟୋଜନ କରିବାକୁ ଉପ ନିର୍ଦ୍ଦେଶକ କାରଖାନା ଓ ବାଷ୍ପୀୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖୋରଧା ଜାତୀୟ ମାର୍ଗ ଦେଇ ପରିବହନ କରୁଥିବା ଗ୍ୟାସ ଜାନଗୁଡ଼ିକରେ ସୁରକ୍ଷା ବିଧେୟ ସୂଚନା ଲେଖିବା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ତୈଳ ନିଗମ, ରନ୍ଧନ ଗ୍ୟାସ କାରଖାନା, ଭୁବନେଶ୍ୱର, ଜଳ ନିଗମ , ଭୁବନେଶ୍ୱରର ଜଳ ବିଶୁଦ୍ଧିକରଣ ପ୍ଲାଣ୍ଟ, ଭାରତୀୟ ଗ୍ୟାସ କର୍ତ୍ତୃପକ୍ଷ (ଗେଲ ଇଣ୍ଡିଆ) ଲିମିଟେଡ, ଭୁବନେଶ୍ୱର, ଓଡ଼ିଶା ପରିମଳ ବିଶୁଦ୍ଧି କରଣ ପ୍ଲାଣ୍ଟ, ସାବ୍ରୀ ଖାଦ୍ୟ ଉତ୍ପାଦନ କାରଖାନା, ଭାରତୀୟ ତୈଳ ନିଗମ ପାଇପ୍ ଲାଇନ୍ ଡିଭିଜନ, ଜଟଣୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପତ୍ତକାଳୀନ ସମୟରେ ସୁରକ୍ଷା ନିମନ୍ତେ ମକ୍ ଡ୍ରିଲ ଓ ଗୋଷ୍ଠିଗତ ସଚେତନତା ଅଭିଯାନ ଉପରେ ଅଧ୍ୟକ୍ଷ ସମୀକ୍ଷା କରିଥିଲେ। ବୈଠକରେ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ । ଶେଷରେ ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ରାୟଗଡ଼ାରେ ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ସମରସ ସଂକଳ୍ପ ଅଭିଯାନ

ଭୁବନେଶ୍ୱର, ୨୩/୮ (ନି.ପ୍ର): ସନ୍ଥ ଶିରୋମଣି ଗୁରୁ ରବି ଦାସଜୀଙ୍କ ୬୫୦ତମ ଜୟନ୍ତୀ ଅବସରରେ ରାୟଗଡ଼ା ଜିଲ୍ଲାସ୍ତରରେ 'ସମରସ ସଂକଳ୍ପ ଅଭିଯାନ' ଅନ୍ତର୍ଗତ ପବିତ୍ର କଳସ ବନ୍ଦନ ଶୋଭାଯାତ୍ରା ଓ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ସାଧୁସନ୍ଥ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମାଜିକ ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ସମ୍ମିଳନୀରେ ହଜାର ହଜାର ଶ୍ରଦ୍ଧାଳୁ ଓ କଳସଧାରୀ ଯୋଗଦେଇ ସାଧୁସନ୍ଥଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ଲାଭ କରିଛନ୍ତି। ଗୁରୁ ରବିଦାସଜୀଙ୍କ ୬୫୦ତମ ଜୟନ୍ତୀ ପାଳନ ଅବସରରେ ସାରା ଦେଶରେ 'ସମରସ ସଂକଳ୍ପ ଅଭିଯାନ' ଜାରି ରହିଛି। ଏହି ଅଭିଯାନ ଅଧୀନରେ କଳସ ବନ୍ଦନ ଶୋଭାଯାତ୍ରା ସହ 'ସନ୍ଥ ସମ୍ପର୍କ', 'ଛାତ୍ର ସମ୍ପର୍କ' ଓ ସାମାଜିକ ସମରସତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# କୁଡ଼ମି ସେନା ପକ୍ଷରୁ ସେପ୍ଟେମ୍ବର ୬ରେ କଳାଦିବସ

## ଦିଲ୍ଲୀ ଜନ୍ତର-ମନ୍ତର ସହ ଓଡ଼ିଶାର ବିଭିନ୍ନ ସ୍ଥାନରେ ହେବ ବିକ୍ଷୋଭ

ବାରିପଦା, ୨୩/୮ (ନି.ପ୍ର): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ଆସନ୍ତା ସେପଟ୍ମେର ୬ ତାରିଖକୁ ସବୁ ବର୍ଷ ପରି ଏବର୍ଷ ମଧ୍ୟ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଠାରେ ସ୍ମରଣଯୋଗ୍ୟ ଯେ, ଗତ ୧୯୫୦ ମସିହା ସେପଟ୍ମେର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ (ଏସଟି) ବର୍ଗରୁ ବାଦ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହେଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦରେ ସେପଟ୍ମେର ୬ ତାରିଖକୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପଲ୍ଲୀରୁ ଦିଲ୍ଲୀର ଜନ୍ତର ମନ୍ତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ



ଦେଇଛନ୍ତି ଏହି ଅବସରରେ ସେପଟ୍ମେର ୫ ତାରିଖ ଦିନ ସନ୍ଧ୍ୟାରେ ବାରିପଦା ଠାରେ ମସାଲ ଶୋଭାଯାତ୍ରା ଏବଂ ସେପଟ୍ମେର ୬ତାରିଖ ଦିନ ବାରିପଦା ମଧୁବନ ପଡିଆରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ଛଉ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହେବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଏହି ଅବସରରେ ସେପଟ୍ମେର ୬ତାରିଖରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମର କୁଡୁମୀ ଛାତ୍ର ସେନା ଏବଂ ସେନାର ମୁଖ୍ୟ ପ୍ରତିନିଧି ମାନେ ନୂଆଦିଲ୍ଲୀ ଜନ୍ତର-ମନ୍ତର ଠାରେ ମାନେ ଏକତ୍ରିତ ହୋଇ ଗଣ ଧାରଣା ପ୍ରଦର୍ଶନ କରାଯିବାର ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ହୋଟେଲ ସ୍ୱସ୍ତିକ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା ରେ ଏହି ବୈଠକ ରେ ବେଙ୍ଗଲ କୁଡୁମୀ ସମାଜର ସଭାପତି କୌଶିକ ବଂଶୀୟାର ଓ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ ମହାନ୍ତ , ବିଶ୍ୱନାଥ ମହାନ୍ତ, ମାନଗୋବିନ୍ଦ ମହାନ୍ତ, ବିରେନ୍ଦ୍ର ମହାନ୍ତ, ଲୋକନାଥ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନା ମୋନଜ ମହାନ୍ତ, ଲିପୁନ ମହାନ୍ତ, ଦେବବ୍ରତ ମହାନ୍ତ, ଯଶବନ୍ତ ମହାନ୍ତ, ତପନ ମହାନ୍ତ, ସମୀର ମହାନ୍ତ, ଶିବଶଙ୍କର ମହାନ୍ତ, କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ଶାନ୍ତି ମହାନ୍ତ, ଅହଲ୍ୟା ମହାନ୍ତ ଓ କୁଡୁମୀ ସେନା ର ପରାମର୍ଶଦାତା ଭାବେ ସୁବାସ ସାର , ପ୍ରେମଚାନ୍ଦ ସାର, ଲକ୍ଷ୍ମୀଧର ମହାନ୍ତ, ତୁଳସୀ ମହାନ୍ତ,ଝଁରାଜାରାମ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

# ଟାଉନ ହାଇସ୍କୁଲ ଆଲମୁନିର ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୩/୮ (ନି.ପ୍ର): ବାଲେଶ୍ୱର ଟାଉନ ହାଇ ସ୍କୁଲ ଆଲମୁନିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉପସଭାପତି ଶ୍ରୀ ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ଆଲମୁନିର ବାର୍ଷିକ ଉତ୍ସବ ଓ ନୂତନ ସଭ୍ୟ ସଂଖ୍ୟା ବଢାଇବା ବିଷୟରେ ଆଲୋଚନା ହୋଇଥିଲା । ସରକାରୀ ନିୟମ ଅନୁଯାୟୀ ଆଲମୁନିର ଯେଉଁ ରେଜିଷ୍ଟ୍ରେସନ ଅଛି ତାର ନବୀକରଣ କରାଇବା ପାଇଁ ଆଲମୁନିର ବରିଷ୍ଠ ସଭ୍ୟ ଶ୍ରୀ ସୁରେନ୍ଦ୍ର ଦାସଙ୍କୁ



ଦାୟିତ୍ୱ ଦିଆଗଲା। ଆଲମୁନିର ସମ୍ପାଦକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଆଜିର ବୈଠକର ଏଜେଣ୍ଡା ପାଠ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ଶ୍ରୀ ଶ୍ୟାମ ସୁନ୍ଦର ମିସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility :
+2 Science with Biology
(Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ଶିକ୍ଷୟିତ୍ରୀଙ୍କ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା

ଭଦ୍ରକ, ୨୩/୮ (ନି.ପ୍ର): ଜୀବନ ଆମକୁ ଅନେକ ଲୋକଙ୍କ ସହ ପରିଚିତ କରାଏ, କିନ୍ତୁ ସମସ୍ତେ ସ୍ମୃତି ହୋଇ ରହିଯାଆନ୍ତି ନାହିଁ। କିଛି ମଣିଷ ଆମ ଜୀବନର ଏମିତି ଏକ ଅଂଶ ହୋଇଯାଆନ୍ତି, ଯେଉଁମାନଙ୍କୁ ହରାଇଲା ପରେ ମଧ୍ୟ ସେମାନଙ୍କର କଥା, ସ୍ୱର, ସ୍ନେହ ଓ ଛୋଟ ଛୋଟ ଅଭ୍ୟାସ ଆମ ଦୈନନ୍ଦିନ ଜୀବନରେ ନିରବରେ ବଞ୍ଚି ରହେ ସେହିପରି ଜଣେ ମହିଳା ଥିଲେ ଆଦର୍ଶ ଶିକ୍ଷୟତ୍ରୀ ଶାନ୍ତିଲତା ମହାପାତ୍ର ବୋଲି ଆଜି ରବିବାର ଭଦ୍ରକର ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଆଦର୍ଶ ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ରଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତି ଚାରଣ ସଭା ରେ ବକ୍ତା ମାନେ କହିଛନ୍ତି ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତି



ତ୍ୱରେ ଅନୁଷ୍ଠିତ ସଭା ରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଦିଗମ୍ବର ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଟଳବିହାରୀ ନାୟକ, ଜ୍ୟୋସ୍ନାରାଣୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ,ଶିକ୍ଷାବିତ ହରମୋହନ କୁଅଁର, ଆଇନଜୀବୀ ନିଶିକାନ୍ତ ନାୟକ,ସାମ୍ବାଦିକ ରୂପକ ବିହାରୀ ରାୟ,କବି ରମେଶ ଦାସ,ଉପେନ୍ଦ୍ର ବାରିକ, କ୍ଷବିପ୍ଳବ ହୋତା ଶାନ୍ତିଲତା ବାରିକ ଅଞ୍ଜନା ମିଶ୍ର ଧନ୍ୟବାଦ, ଜାନକୀ ପାଢ଼ୀ ମନୋରମା ରାୟ ଓ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଅଜିତ କୁମାର ନାୟକ, ଶାନ୍ତିଲତା ବାରିକ୍, ମୁକ୍ତିକାନ୍ତ ମହାପାତ୍ର, ବାଦଲ ମହାପାତ୍ର,ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କୈଳାଶ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଶାନ୍ତି ଦିଦି ଜଣେ ଛାତ୍ର ବତ୍ସଳ ଓ ସମୟାନୁବର୍ତ୍ତୀ ଶିକ୍ଷୟତ୍ରୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଓ ଏହି ଅବସରରେ ଶାନ୍ତି ଦିଦି ଙ୍କ ନାମରେ ସ୍ୱରାଜ ବାର୍ତ୍ତା ର ଏକ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ଅତିଥି ମାନଙ୍କ ଦ୍ୱାରା ହୋଇଥିଲା ଓ କର୍ମଚାରୀ ସଂଘ ପକ୍ଷରୁ ଶାନ୍ତିଲତା ମହାପାତ୍ର ଙ୍କ ଉଦେଶ୍ୟରେ ତାଙ୍କ ସ୍ୱାମୀ ଉଦୟ ନାଥ ମହାନ୍ତିଙ୍କୁ ଏକ ମାନପତ୍ର ସ୍ୱରୂପ ସମ୍ବର୍ଦ୍ଧନା ଶୋକ ବାର୍ତ୍ତା ଦିଆଯାଇଥିଲା । ପୁଅ ଆଲୋକ ମହାନ୍ତି, ଦୀପକ ମହାନ୍ତି, ଝିଅ ପ୍ରଜ୍ଞା ପଟ୍ଟନାୟକ ଓ ଅନୁଜ୍ଞା ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ।

## ଜାତୀୟ ମହାକାଶ ଦିବସର ଶୁଭେଚ୍ଛା ଜଣାଇଲେ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୩/୮ (ନି.ପ୍ର): ଜାତୀୟ ମହାକାଶ ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଜାତୀୟ ମହାକାଶ ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ ଇସ୍ରୋର ଉଲ୍ଲେଖନୀୟ ଅବଦାନରେ ସମୃଦ୍ଧ ଭାରତର ଗୌରବମୟ ମହାକାଶ ଅନୁସନ୍ଧାନ ଯାତ୍ରାକୁ ଆମେ ପାଳନ କରୁଛୁ। ପ୍ରଭାତି ପରିଡା କହିଛନ୍ତି ଯେ, ଘରୋଇ ମହାକାଶ କ୍ଷେତ୍ରର ଅଧିକ ଅଂଶଗ୍ରହଣ ସହିତ ଭାରତ ନବସୃଜନ, ଉଦ୍ୟୋଗିତା ଏବଂ ଆମର ଯୁବ ପ୍ରତିଭାମାନଙ୍କ ପାଇଁ ନୂଆ ସୁଯୋଗର ଦ୍ୱାର ଖୋଲୁଛି।

# ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ମାଟିଆଳିସାହି ଗ୍ରାମବାସୀ ଜଣାଇଲେ ଦାବି

ଉଦଳା, ୨୩/୮ (ନି.ପ୍ର): କପ୍ତିପଦା ବ୍ଲକର ପେଢ଼ାଗଡ଼ି ପଂଚାୟତ ଅନ୍ତର୍ଗତ ମାଟିଆଳିସାହି ଗ୍ରାମରେ ଏପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟଟିଏ ନାହିଁ। ଫଳରେ ଏହିଗ୍ରାମର ପିଲାମାନେ ନିକଟସ୍ଥ ଜାରଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ନିୟମିତ ଯିବା ଆସିବା କରି ପାଠ ପଢ଼ିଥାନ୍ତି । ବର୍ତ୍ତମାନ ଏହି ଗ୍ରାମରୁ ପ୍ରାୟ ୩୦ରୁ ଉର୍ଦ୍ଧ ପିଲା ପ୍ରତିଦିନ ଯାତାୟତ କରି ପାଠପଢୁଛନ୍ତି । ବିଲପାରି ହୋଇ ବିଦ୍ୟାଳୟକୁ ଗଲେ ପାଖହୁଏ । କିନ୍ତୁ ଏହା ଯାତାୟତ ପାଇଁ ଆଦୌ ନିରାପଦ ନୁହେଁ । ଫଳରେ ପିଲାଙ୍କୁ ମୁଖ୍ୟରାସ୍ତା ଦେଇ ବିଦ୍ୟାଳୟ ଯିବାକୁ ପଡ଼ିଥାଏ । ଏହାଦ୍ୱାରା ପିଲାମାନଙ୍କୁ ପାଖାପାଖି ୩କିମି ରାସ୍ତା ଚାଲିବାକୁ ପଡ଼ିଥାଏ । ବର୍ଷାଦିନ ହେଲେ ପାଣି କାଦୁଅରେ ଯାତାୟତ କଷ୍ଟକର ହେଉଥିବାରୁ ପିଲାମାନେ ଅଧିକାଂଶ ଦିନ ବିଦ୍ୟାଳୟ ଯାଆନ୍ତି ନାହିଁ । ସେହିପରି ଛୋଟ ପିଲାମାନେ ଦୁର ହେଉଥିବାରୁ ବିଦ୍ୟାଳୟରେ ଅନୁପସ୍ଥିତ ରୁହନ୍ତି । ମାଟିଆଳିସାହି ଗ୍ରାମରେ ଏକ ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଗ୍ରାମବାସି ଦାବି ଜଣାଇଛନ୍ତି । ଗ୍ରାମବାସିଙ୍କର ଏପରି ଏକ ଦାବିକୁ ବହୁ ସ୍ୱେଚ୍ଛାସେବି ସଂଗଠନ ସମର୍ଥନ ଜଣାଇଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida